## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ପୋଲିସ ହଟହଟା

**ପୁରୁଣା ଭୁବନେଶ୍ୱର,୧୮।୭(ଡି.ଏନ୍.ଏ.):** ଏକ ଜମି ଠକେଇ ମାମଲାରେ ଧଉଳି ଥାନା ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ହଟହଟା ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ପ୍ରବୀର ଦାସ ନାମକ ଜଣେ ବ୍ୟକ୍ତି ଲକ୍ଷ୍ମୀସାଗର ଅଞ୍ଚଳର ବିଶ୍ୱଜିତ୍ ପାତ୍ରଙ୍କୁ ଘର ବିକ୍ରି କରିବା ପାଇଁ ଚୁକ୍ତି କରି ୧୩ଲକ୍ଷ ଟଙ୍କା ନେଇ ଅନ୍ୟଜଣଙ୍କୁ ବିକ୍ରି କରିଦେଇଥିଲେ। ଏନେଇ ବିଶ୍ୱଜିତ୍ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇ ୫୯୫/୨୧ରେ ଏକ ମାମଲା କରିଥିଲେ। ଏହି ମାମଲାରେ ରବିବବାର ପୋଲିସ ପ୍ରବୀରଙ୍କ ନୂଆଗାଁସ୍ଥିତ ବାସଭବନରେ ଚଢ଼ାଉ କରିଥିଲା। ତେବେ ପୋଲିସକୁ ଦେଖି ପ୍ରବୀର ଘର ଭିତରୁ ତାଲା ପକାଇଦେଇଥିଲେ। ଶେଷରେ ପୋଲିସ ନିରାଶରେ ଫେରିଆସିଥିଲା।

### ସୂଚନାଫଳକ ଭଙ୍ଗା ଘଟଣା: ମାମଲା ରୁଜୁ

**କଟକ ସଦର,୧୮।୭(ଡି.ଏନ.ଏ.):** କନ୍ଦରପୁର ପଞ୍ଚାୟତ ସିଦ୍ଧେଶ୍ୱରପୁର ଗ୍ରାମର ନୟନା ବେହେରା ନାମ୍ନୀ ଇନ୍ଦିରାଆବାସ ହିତାଧିକାରୀଙ୍କ କାନ୍ଥରେ ସୂଚନାଫଳକ ଲଗାଇବା ପାଇଁ ଶୁକ୍ରବାର ୨ଜଣ କର୍ମଚାରୀ ଯାଇଥିଲେ। ଫଳକ ଲଗାଇବା ପାଇଁ ଉଦ୍ୟମ କରୁଥିବାବେଳେ ହିତାଧିକାରୀଙ୍କ ପଡୋସୀ ହୃଷୀକେଶ ସାହୁ ତାହାକୁ ଭାଙ୍ଗି ଦେଇଥିବା କନ୍ଦରପୁର ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା(ନଂ.୧୭୩/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ପିଅନ ଶିବପ୍ରସାଦ ଜେନା ଓ ସ୍ୱାବଲମ୍ବୀ କାରିଗର ବୀରବର ପ୍ରଧାନ ଗତ ୧୬ରେ ଇନ୍ଦିରାଆବାସ ଫଳକ ଲଗାଇବା ପାଇଁ ବେହେରାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ଫଳକ ଭାଙ୍ଗି ଦେଇଥିଲେ। ଏ ସମ୍ପର୍କରେ ସେମାନେ ସରପଞ୍ଚ ପ୍ରଫୁଲ୍ଲ ଭୋଇଙ୍କୁ ଜଣାଇଥିଲେ। ପରେ ପ୍ରଫୁଲ୍ଲ ଏ ନେଇ ଥାନାରେ ଏତଲା ଦେଇଥିଲେ।

### କୁକୁର କାମୁଡ଼ାରେ ହରିଣ ମୃତ

**ଖୁଣ୍ଟୁଣୀ,୧୮।୭(ଡି.ଏନ.ଏ.):** କୁକୁର କାମୁଡାରେ ଏକ ହରିଣର ମୃତ୍ୟୁ ଘଟିଛି। ହରିଣଟି ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲରୁ ପାଣି ପିଇବା ପାଇଁ ଗ୍ରାମକୁ ଆସୁଥିବାବେଳେ କେତେକ କୁକୁର କାମୁଡିଥିଲେ। ଘଟଣାସ୍ଥଳରେ ହରିଣର ମୃତ୍ୟୁ ଘଟିଥିଲା। ଖବରପାଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ପାଲ ସିଂ ମାଥୁର, ସ୍ଥାନୀୟ ବିଟ୍ କର୍ମଚାରୀ ବିଜୟ କେତନ ମଙ୍ଗରାଜଙ୍କୁ ଘଟଣା ସ୍ଥଳକୁ ପଠାଇ ମୃତ ହରିଣର ବ୍ୟବଚ୍ଛେଦ କରାଇବା ପରେ ବିଟ୍ କାର୍ଯ୍ୟାଳୟ ପରିସରରେ ପୋତି ଦେଇଥିଲେ।

### ଖୁଣ୍ଟୁଣୀ ହାଇସ୍କୁଲରେ ଔଷଧୀୟ ଚାରାରୋପଣ

**ଖୁଣ୍ଟୁଣୀ,୧୮।୭(ଡି.ଏନ.ଏ.):** ଖୁଣ୍ଟୁଣୀସ୍ଥିତ ରାଧାନାଥ ନୋଡାଲ ବିଦ୍ୟାପୀଠ ପରିସରରେ ରବିବାର ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୌମେନ୍ଦ୍ର କୁମାର ପଣ୍ଡା, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଜଲିଲ ମହମ୍ମଦ, ଅବସରପ୍ରାପ୍ତ କିରାଣି ଗତିକୃଷ୍ଣ ସାମନ୍ତରାୟ, କ୍ରୀଡା ଶିକ୍ଷୟିତ୍ରୀ ରେହମତ ବେଗମ, ରୁନୁବାଳା ମହାନ୍ତି ଓ ପୁରାତନ ଛାତ୍ର ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ଚାରାରୋପଣ କରିଥିଲେ।

# କେନାଲ ଶୁଖିଲା, ଚିନ୍ତାରେ ଚାଷୀ

- ରୁଆ ଧାନ ନଷ୍ଟ ହେଉଛି
- ସଫା ହେଉ ନ ଥିବାରୁ ପୋତି ହେଉଛି କେନାଲ
- ଶେଷ ମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚିବା ନେଇ ଆଶଙ୍କା

**ନିଶ୍ଚିନ୍ତକୋଇଲି, ୧୮।୭ (ସ୍ୱ.ପ୍ର.)**


ଫାଟି ଯାଇଥିବା ଚାଷ ଜମି।

ଆଷାଢ଼ ମାସରେ ନିଶ୍ଚିନ୍ତକୋଇଲି ବ୍ଲକରେ ବର୍ଷା ନ ଥିବାରୁ ବିଲ ଫାଟି ଆଁ କରିଛି। ଫଳରେ ରୁଆ ହୋଇଥିବା ଧାନ ନଷ୍ଟ ହେବାକୁ ବସିଲାଣି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ରାଜସ୍ୱ ବିଭାଗ ଚାଷୀଙ୍କଠାରୁ ଜଳକର ଆଦାୟ କରୁଛନ୍ତି। କିନ୍ତୁ ସରକାର ଚାଷ କ୍ଷେତକୁ ପାଣି ଦେବାକୁ ଅହେତୁକ ବିଳମ୍ବ କରୁଥିବାରୁ ସେମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଜଳସେଚନ ବିଭାଗ କେନାଲ ବନ୍ଧ ମରାମତି ଉପରେ ଗୁରୁତ୍ୱ ଦେଉଥିବାବେଳେ କେନାଲ ସଫା କରିବାକୁ ଭୁଲି ଯାଉଛି। ଜୁଲାଇ ୨୦ରେ କେନାଲରେ ପାଣି ଛାଡିବାକୁ ବ୍ୟବସ୍ଥା ଥିବାବେଳେ ଶେଷ ମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏହି ବ୍ଲକର ୧୨ ହଜାର ୭୯୦ ହେକ୍ଟର ଜମିରେ ଧାନଚାଷ ହୋଇପାରିବ ବୋଲି କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏନେଇ ଚାଷୀ ବିହନ ଓ ସାର କିଣି କ୍ଷେତ ପ୍ରସ୍ତୁତ କରି ତଳି ପକାଇ ଖାଲୁଆ ଜମିରେ ରୁଆପୋତା କାର୍ଯ୍ୟ ଆରମ୍ଭ କରିଦେଇଥିଲେ। ମାତ୍ର ବର୍ଷା ନ ହେବା ସାଙ୍ଗକୁ କେନାଲରେ ପାଣି ନ ଆସିବାରୁ ଚାଷଜମି ଫାଟି ଯାଇଛି। ଜଳ ସମ୍ପଦ ବିଭାଗର କଟକ ନର୍ଥ ଡିଭିଜନ ଅଧୀନରେ ଥିବା କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ, ପୁନ୍ଦାଳ ଜଳସମ୍ପଦ ବିଭାଗ ଓ ନଗସପୁର ଉପଖଣ୍ଡ ଜଳସମ୍ପଦ ବିଭାଗରେ ଥିବା କେନାଲଗୁଡିକ ଅଦ୍ୟାବଧି ସଫେଇ ହୋଇନାହିଁ। ଫଳରେ କେନାଲଗୁଡିକ ପୋତି ହୋଇ ରହିଛି। ୮ନଂ. କେନାଲରୁ ବାହାରି ଥିବା ଇ ହାପ ଓ ଇସି ହାପ କେନାଲ ସମ୍ପୂର୍ଣ୍ଣ ପୋତି ହୋଇଯାଇଛି। ଓଥକା ଓ ନତକାଇ ମୌଜାରେ ଚଳିତବର୍ଷ କେନାଲ ପାଣି ଆସିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ପାଣି ନ ପହଞ୍ଚିଲେ ଖରିଫ ଚାଷ ପ୍ରଭାବିତ ହେବା ଆଶଙ୍କା ରହିଛି।

ଏ ସମ୍ପର୍କରେ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଅଜୟ ବେହେରା କୁହନ୍ତି, ସୋମବାର ୮ ନଂ. କେନାଲରେ ପାଣି ଛାଡିବା ପାଇଁ ବ୍ୟବସ୍ଥା ହୋଇଛି। ଏଥିସହ ଶେଷମୁଣ୍ଡରେ ପାଣି ପହଞ୍ଚିବା ପାଇଁ ତୁରନ୍ତ କେନାଲ ସଫା ଲାଗି ବ୍ୟବସ୍ଥା ହେଉଛି।

## ବସ୍ କର୍ମଚାରୀଙ୍କ ପାଇଁ ସରକାର ଅର୍ଥ ବ୍ୟବସ୍ଥା କରନ୍ତୁ

**କଟକ ଅଫିସ, ୧୮।୭**

କରୋନା ମହାମାରୀ ଯୋଗୁ ରାଜ୍ୟରେ ବନ୍ଦ ରହିଥିବା ବସ୍‌ଗୁଡିକ ସୋମବାରରୁ ଚଳାଚଳ କରିବ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଘରୋଇ ବସ୍ ମାଲିକ ସଂଘ ରଖିଥିବା ଦାବିକୁ ସରକାର ବିଚାର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ପରିତାପର ବିଷୟ ଗତ ଦିନରେ ବସ୍ ଚଳାଚଳ ନ କରିବା ଦ୍ୱାରା ୪୫ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି, ସେଥିପାଇଁ ସରକାର କୌଣସି ବ୍ୟବସ୍ଥା କଲେନାହିଁ। ଏପରି କି ଘରୋଇ ବସ୍ ମାଲିକ ସଂଘ ମଧ୍ୟ କର୍ମଚାରୀଙ୍କର ସମସ୍ୟା ସରକାରଙ୍କ ନିକଟରେ ଉପସ୍ଥାପନ କଲେନାହିଁ। କଟକରୁ ପ୍ରତିଦିନ ଏକ ହଜାର ବସ୍ ଚଳାଚଳ କରୁଥିବାବେଳେ ୩ ହଜାର କର୍ମଚାରୀଙ୍କର ମଧ୍ୟ କୌଣସି ବ୍ୟବସ୍ଥା ହୋଇପାରିଲାନାହିଁ। ଏହା ଅତ୍ୟନ୍ତ ଦୁଃଖଦାୟକ ବୋଲି କଟକ ମୋଟର କର୍ମଚାରୀ ୟୁନିୟନର ସାଧାରଣ ସମ୍ପାଦକ ଶିଶିର କୁମାର ଲେଙ୍କା ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଅପରପକ୍ଷେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି, ଘରୋଇ ବସ୍ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ସରକାରଙ୍କୁ ଲିଖିତ ଭାବେ ଜଣାଇଛୁ। ଦିଲ୍ଲୀ ସରକାରଙ୍କ ପରି ଓଡ଼ିଶା ସରକାର ସେମାନଙ୍କ ପାଇଁ ଆର୍ଥିକ ଓ ଖାଦ୍ୟ ମାଧ୍ୟମରେ ବ୍ୟବସ୍ଥା କରାନ୍ତୁ। ରାଜ୍ୟ ସରକାର ଏଥିପାଇଁ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସଦସ୍ୟତାରେ ଏକ କମିଟି ଗଠନ କରାଯାଇ ଘରୋଇ ବସ୍ କର୍ମଚାରୀଙ୍କୁ ଚିହ୍ନଟ କରି ସହାୟତା ପ୍ରଦାନ କରିବେ। ଏହି କମିଟି କେବଳ କରୋନା କାରଣରୁ ହୋଇଥିବା କ୍ଷତିକୁ ଦୃଷ୍ଟିରେ ରଖି ସହାୟତା କରିବ ନାହିଁ, ବରଂ ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଘରୋଇ ବସ୍ କର୍ମଚାରୀ କ୍ଷତିଗ୍ରସ୍ତ ହେଲେ ସେମାନଙ୍କୁ ସହାୟତା କରାଯିବ ବୋଲି ସାହୁ କହିଛନ୍ତି।

## 'ଛାତ୍ରୀଛାତ୍ର ଭଲ ମଣିଷ ହୁଅନ୍ତୁ'

**କଟକ ଅଫିସ,୧୮।୭**

କଟକ ଖାନ୍‌ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ୫୬ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ଅଶୋକ କୁମାର ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଭଲମଣିଷ ହେବାପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ଜରୁରୀ ଅଧିକାରୀ ପ୍ରଦୀପ କୁମାର ତ୍ରିପାଠୀ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଦେବାଶିଷ ହାଜରା, ପ୍ରତାପ କୁମାର ବେହେରା, ପ୍ରବୋଧ କୁମାର ପୁହାଣଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଉପସ୍ଥିତଥିଲେ।


ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ଯୋଗୁ କଟକ ମଧୁପାଟଣା ଛକ ଜାତୀୟ ରାଜପଥ ଖାଁ ଖାଁ।

## ଅଙ୍ଗନୱାଡି, ଆଶାକର୍ମୀଙ୍କୁ କରୋନା କିଟ୍ ବଣ୍ଟନ

**ଚୌଦ୍ୱାର,୧୮।୭(ଡି.ଏନ୍.ଏ.)**

କରୋନା ମହାମାରୀ ସମୟରେ ଘର ଘର ବୁଲି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଚୌଦ୍ୱାର ପୌରପାଳିକା ପକ୍ଷରୁ ସେମାନଙ୍କୁ କରୋନା କିଟ୍ ବଣ୍ଟନ କରାଯାଇଛି। ସ୍ଥାନୀୟ ପୌର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ୧୯ଟି ୱାର୍ଡର ଅଙ୍ଗନୱାଡି ଓ ଆଶାକର୍ମୀଙ୍କୁ ଅକ୍ସିମିଟର, ସାନିଟାଇଜର, ଗ୍ଲୋବ୍ସ, ମାସ୍କ ବଣ୍ଟନ କରିଥିଲେ। କରୋନାରୁ ରକ୍ଷା ପାଇବା ପାଇଁ ପୌରପାଳିକାର ସମସ୍ତ ଜନସାଧାରଣଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯିବା ଲାଗି ସ୍ଥିର କରାଯାଇଛି। ଏହି ଅବସରରେ ବିଧାୟକ ବିଶ୍ୱାଳ ୭ ଓ ୧୬ ନମ୍ବର ୱାର୍ଡ଼ରେ ବୁଲି ଲୋକଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ପବିତ୍ର ବେହେରା, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ଅଜୟ ବେହେରା, ଦିଲୀପ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଶାହା ନର୍ସିଂହୋମ୍ ସିଲ୍, ମାଲିକ ଗିରଫ

**ନିଶ୍ଚିନ୍ତକୋଇଲି, ୧୮।୭ (ସ୍ୱ.ପ୍ର.)**

**ଧର୍ମରକ୍ଷା ସେନା ଆବାହକଙ୍କୁ ହତ୍ୟା ଉଦ୍ୟମ ଘଟଣା**

ଧର୍ମରକ୍ଷା ସେନା ଆବାହକ ବିବେକାନନ୍ଦ ମହାରଣା ଓରଫ ବାବୁଲିଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଏହି ଘଟଣା ଆକ୍ରମଣକାରୀଙ୍କୁ ବାବୁଲିଙ୍କ ସୁରକ୍ଷା ଦାୟିତ୍ୱରେ ଥିବା କନଷ୍ଟେବଲ ଏକ ରାଉଣ୍ଡ ଗୁଳି ମାରିଥିଲେ। ଗୁଳିବିଦ୍ଧ ଅଭିଯୁକ୍ତ ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱରଠାରେ ଥିବା ଶାହା ନର୍ସିଂହୋମ୍‌ରେ ଚିକିତ୍ସିତ ହୋଇ ଗୁଳି ବାହାର କରିଥିଲେ। ଏ ସମ୍ପର୍କରେ ଖବରପାଇ କେନ୍ଦ୍ରାପଡ଼ା ପୋଲିସ ଶନିବାର ନର୍ସିଂହୋମରେ ଚଢାଉ କରି ଚିକିତ୍ସିତ ଅଭିଯୁକ୍ତଙ୍କ ସହ ଅନ୍ୟ ୨ ଜଣଙ୍କୁ ଗିରଫ କରିଥିଲା। ପୋଲିସକୁ ନ ଜଣାଇ ଅଭିଯୁକ୍ତଙ୍କ ହାତରୁ ଗୁଳି ବାହାର କରିବା ଅଭିଯୋଗରେ ନର୍ସିଂହୋମ୍ ମାଲିକ ମହେନ୍ଦ୍ର ଶାହାଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ରବିବାର ରାତିରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ସଦର ଥାନା ଆଇଆଇସି, ନିଶ୍ଚିନ୍ତକୋଇଲି ଆଇଆଇସି ଚିନ୍ମୟୀ ସାହୁ ନର୍ସିଂହୋମ୍ ସିଲ୍ କରିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସେହେନ୍ଦ୍ର


@ ସ୍ୱରୂପ


@ ଶଙ୍କର


@ ରଞ୍ଜନ


@ ବାପୁ


@ ସୁରେଶ


@ ଶ୍ରୀକ୍ଷେତ୍ର

## ଚାଳକ ସରକାରୀ ସ୍ୱୀକୃତିପ୍ରାପ୍ତ ହେଲ୍‌ମେଟ୍ ପିନ୍ଧନ୍ତୁ

**କଟକ ଅଫିସ ୧୮।୭**

କଟକ ମଧୁପାଟଣା ଛକରେ ସାମାଜିକ ସଙ୍ଗଠନ କମୋନ ଆକ୍ସନ ଫର୍ ରୋଡ୍ ସେଫ୍‌ଟି ପକ୍ଷରୁ ହେଲ୍‌ମେଟ୍‌କୁ ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଙ୍ଗଠନର ଚେୟାରମ୍ୟାନ୍ ସୁଜିତ୍ ସେନାପତିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଡିସିନାଲ୍ ଟ୍ରାଫିକ ଡିସିପି କୃଷ୍ଣ କୁମାର ପାଣିଗ୍ରାହୀ ମୁଖ୍ୟଅତିଥିଭାବେ ଯୋଗଦେଇ ପଥଚାରୀଙ୍କୁ ହେଲ୍‌ମେଟ୍ ବିଷୟରେ ସଚେତନ କରାଇଥିଲେ। ଚାଳକମାନେ ସର୍ବଦା ଗାଡି ଚଳାଇବା ସମୟରେ ସରକାରୀ ସ୍ୱୀକୃତିପ୍ରାପ୍ତ ହେଲ୍‌ମେଟ୍ ପିନ୍ଧନ୍ତୁ ବୋଲି ସେନାପତି କହିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଟ୍ରାଫିକ୍ ଆଇଆଇସି ମନୋଜ୍ ରୋଶନ ବିଲୋଙ୍ଗଙ୍କ ସମେତ ଟ୍ରାଫିକ୍ କର୍ମଚାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କୁ ସଚେତନ କରାଇଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଟ୍ରାଫିକ୍ କର୍ମଚାରୀ।

## ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ

**କଟକ ଅଫିସ, ୧୮।୭**

**କଲେଜ ଛକ ହତ୍ୟା ଘଟଣାକୁ ମାସେ ପୂରିଲା**

ପରକୀୟା ପ୍ରୀତି ପାଇଁ କଟକ କଲେଜ ଛକରେ ଘଟିଥିବା ହତ୍ୟା ଘଟଣାକୁ ମାସେ ପୂରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛି। ଏହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତଦନ୍ତରେ ଶିଥିଳତା ଯୋଗୁ ପୋଲିସ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ।

ଅଭିଯୋଗ ଅନୁଯାୟୀ, କାଳନ୍ଦୀ ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ମାଳତୀ ଦିନମଜୁରିଆ ଭାବେ କାମ କରି ସିଡିଏ ସେକ୍ଟର-୧୩ ବସ୍ତି ଅଞ୍ଚଳରେ ରହୁଥିଲେ। ଉଭୟଙ୍କର ୧ ବର୍ଷର ଝିଅ ଥିଲା। ସେମାନଙ୍କ ମଧ୍ୟରେ କୌଣସି କାରଣରୁ ଝଗଡା ହେବାରୁ ମାଳତୀ ପ୍ରେମିକ ରାହାମା ଅଞ୍ଚଳର ସନାତନ ଦାସଙ୍କ ନିକଟକୁ ଚାଲି ଯାଇଥିଲେ। ପରେ ସେମାନେ କଲେଜ ଛକ ଅଞ୍ଚଳରେ ରହୁଥିଲେ। ହେଲେ କାଳନ୍ଦୀ ଏହାକୁ ସହ୍ୟ କରିପାରୁ ନ ଥିଲେ। ଇତିମଧ୍ୟରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ମାଳତୀଙ୍କ ଝିଅର ମୃତ୍ୟୁ ଘଟିଥିଲା। ଏହାପରେ କାଳନ୍ଦୀଙ୍କ ରାଗ ବଢିଯିବାରୁ ସେ ମାଳତୀଙ୍କୁ ହତ୍ୟା ଧମକ ଦେଇଥିଲେ। ଗତ ଜୁନ୍ ୧୯ ତାରିଖ ବିଳମ୍ବିତ ରାତିରେ କଲେଜ ଛକର ଏକ ଦୋକାନ ବାରଣ୍ଡାରେ ଶୋଇଥିବାବେଳେ ମାଳତୀ ଓ ସନାତନଙ୍କୁ କାଳନ୍ଦୀ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ସନାତନଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଥିବା ମାଳତୀଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ କାଳନ୍ଦୀ ଓ ତାଙ୍କ ସଢୁ ରାଜୁ ଗିରିଙ୍କ ସମ୍ପୃକ୍ତି ଥିବା ନେଇ ମାଳତୀଙ୍କ ପରିବାର ଲୋକେ ମାଲଗୋଦାମ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଆଇପିସିର ଦଫା ୩୦୨ ଓ ୩୦୭ ଅନୁଯାୟୀ ଏକ ମାମଲା(ନଂ.୧୩୧/୨୧) ରୁଜୁ କରିବା ସହ କାଳନ୍ଦୀଙ୍କୁ ଗିରଫ କରିଥିଲା। ହେଲେ ଏହି ଘଟଣାରେ ସମ୍ପୃକ୍ତ ରାଜୁ ଫେରାର ଅଛନ୍ତି। ଏ ସମ୍ପର୍କରେ ମାଲଗୋଦାମ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକ କହିଛନ୍ତି, ରାଜୁଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ଖୁବ୍‌ଶୀଘ୍ର ଗିରଫ କରାଯିବ। ଅନ୍ୟପକ୍ଷରେ ମାଳତୀଙ୍କୁ କୋର୍ଟରେ ହାଜର କରାଯାଇ ବୟାନ ରେକର୍ଡ କରାଯିବ ବୋଲି ଆଇଆଇସି କହିଛନ୍ତି।

## ୨ ଚୋରି ଘଟଣା: ୪ ଗିରଫ

**କଟକ ଅଫିସ, ୧୮।୭**

ଦୁଇଟି ଚୋରି ଘଟଣାରେ ପୁରୀଘାଟ ପୋଲିସ ୪ ଜଣଙ୍କୁ ରବିବାର ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ସ୍ଥାନୀୟ ହରିଜନସାହିର ଗୌରୀ ଦାସ ଗତ ୮ ତାରିଖରେ ବିଡାନାସୀ ଅଞ୍ଚଳରେ ରହୁଥିବା ତାଙ୍କ ପୁଅ ପାଖକୁ ଯାଇଥିଲେ। ସେଠାରୁ ୧୨ ତାରିଖରେ ଘରକୁ ଫେରିବା ପରେ ସୁନା ଅଳଙ୍କାର ଓ କଂସାବାସନ ଚୋରି ହୋଇଥିବା ଦେଖିଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲା। ପରେ ଏହି ଘଟଣାରେ ହରିଜନସାହିର ଟୁବୁଲା ସାମଲ ଓ ତାଙ୍କ ଭିଣୋଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ ବିରାଳ ଅଞ୍ଚଳର ରମାକାନ୍ତ ସାମଲଙ୍କୁ ଗିରଫ କରିଥିଲା। ଟୁବୁଲା ଉକ୍ତ ଚୋରି ଜିନିଷକୁ ବିକ୍ରି ଉଦ୍ଦେଶ୍ୟରେ ରମାକାନ୍ତଙ୍କୁ ଦେଇଥିବା ପୋଲିସ ଜାଣିବାକୁ ପାଇଥିଲା।

**ବାଇକ୍, ସୁନା ଲକେଟ ଜବତ**

ସେହିପରି ଅନ୍ୟଏକ ଚୋରି ଘଟଣାରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବଲାଙ୍ଗୀର ଖଡିଆଳ ରୋଡ୍ ଅଞ୍ଚଳର ନଜାଫ ଅଲ୍ଲୀ ଓ ମହମ୍ମଦ ଆବାସ। ଗତ ଫେବୃୟାରୀ ୪ ସନ୍ଧ୍ୟାରେ ଦୋଳମୁଣ୍ଡାଇ ଅଞ୍ଚଳରେ ଥିବା ଜଗନ୍ନାଥ ଜୁଏଲେରିକୁ ଅଭିଯୁକ୍ତ ଦ୍ୱୟ ଗ୍ରାହକ ସାଜି ଯାଇଥିଲେ। ସେଠାରୁ ଦେଢଶହ ଗ୍ରାମ୍‌ର ସୁନାଅଳଙ୍କାର ଚୋରି କରିବା ସହ ମାଲିକ ବସନ୍ତ ମୂଳିଆଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲେ। ଏନେଇ ବସନ୍ତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲା। ପରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଏକ ବାଇକ୍ ଓ ୧୮ ଗ୍ରାମ୍‌ର ସୁନା ଲକେଟ ଜବତ କରିଛି।

## ସଂକ୍ଷେପରେ

### ଜମି ହିଡ଼ରେ ଚାରା ରୋପଣକୁ ଗୁରୁତ୍ୱ

ଭୁବନେଶ୍ୱର,୧୮।୭(ବ୍ୟୁରୋ): ପ୍ରତ୍ୟେକ ଚାଷ ଜମିର ହିଡ଼ରେ ଚାରା ରୋପଣ କରିବା ପାଇଁ କୃଷକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଭାରତୀୟ ଜଳ ପ୍ରବନ୍ଧନ ସଂସ୍ଥାନ ତରଫରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଂସ୍ଥାନର ବୈଜ୍ଞାନିକ ଓ ବୈଷୟିକ କର୍ମଚାରୀମାନେ ଚାରା ରୋପଣ କରିଥିଲେ। ସଂସ୍ଥାନର ନିର୍ଦ୍ଦେଶକ ଡ. ଆତ୍ମାରାମ ମିଶ୍ର ସମ୍ପ୍ରତି ପରିବର୍ତ୍ତନଶୀଳ ଜଳବାୟୁ ଓ ଚାଷ ଅନିଶ୍ଚିତତାର ପରିପୂରକ ଭାବେ ଉଦ୍ୟାନ କୃଷି ଏବଂ ଚାରା ରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଚାଷୀମାନେ ଜମିର ହିଡ଼ରେ ଉନ୍ନତ ପ୍ରଜାତିର ଆମ୍ବ ପଣସ ନଡ଼ିଆ, ପିଜୁଳି ଆଦି ଲମ୍ବା ଅବଧିର ଫଳଗଛ ତଥା କଦଳୀ, ଅମୃତଭଣ୍ଡା, ହରଡ ଆଦି ବାର୍ଷିକ ଫସଲ ଦ୍ୱାରା ନିଜର ଆୟକୁ ସୁରକ୍ଷିତ କରିପାରିବେ। ସେହିପରି ଶୀଘ୍ର ବଢୁଥିବା ଫସଲର ଗଛ ମଧ୍ୟ ଜମିର ହିଡ଼ରେ ଲଗାଇ ୭/୮ ବର୍ଷରେ ଭଲ ଉତ୍ପାଦନ ପାଇପାରିବେ। ଦେଶର ଶୁଷ୍କ ପ୍ରଦେଶ ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶର କିଛି ଅଂଶରେ ଏହି ପ୍ରଣାଳୀ ଆଦୃତ ହୋଇଛି ବୋଲି ଡ. ମିଶ୍ର କହିଥିଲେ। କାର୍ଯ୍ୟକ୍ରମକୁ ସଚିନକାନ୍ତ ରାଉତରାୟ ଓ ଦେବବ୍ରତ ସେଠୀ ପରିଚାଳନା କରିଥିଲେ।

### ନାବାଳକକୁ ପାଣିରେ ବୁଡ଼ାଇ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୮।୭(ବ୍ୟୁରୋ): ଜଣେ ନାବାଳକକୁ ପାଣିରେ ବୁଡାଇ ହତ୍ୟା ଉଦ୍ୟମ ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ପଳାଶୁଣୀ ମୁଣ୍ଡାସାହିରେ ରହୁଥିବା କଟକ ଜିଲା ମାହାଙ୍ଗା ଥାନାର ପ୍ରଫୁଲ୍ଲ କୁମାର ସାମଲ(୫୯)। ସୂଚନା ଅନୁଯାୟୀ, ଗତ ୭ ତାରିଖରେ ମୁଣ୍ଡାସାହିର ଜଣେ ନାବାଳକଙ୍କ ସାଇକେଲ ଚକାରେ ମଇଳା ଲାଗିଯିବାରୁ ନିକଟରେ ଥିବା ଏକ କେନାଲରେ ଧୋଇବାକୁ ନେଇଥିଲେ। ସେଠାରେ ଗାଧୋଉଥିବା ଅଭିଯୁକ୍ତ ପ୍ରଫୁଲ୍ଲ ଉକ୍ତ ସ୍ଥାନରେ ସାଇକେଲ ଧୋଇବାକୁ ବାରଣ କରିଥିଲେ। ନାବାଳକ ସାଇକେଲଟି ଧୋଇବାରୁ ସେ ତାଙ୍କୁ ପାଣିରେ ବୁଡାଇ ମାରିଦେବାକୁ ଉଦ୍ୟମ କରିଥିଲେ। ଚିତ୍କାର ଶୁଣି ନିକଟରେ ଥିବା ସ୍ଥାନୀୟ ଲୋକେ ଦୌଡି ଆସି ନାବାଳକଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ.୨୦୩/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଟ୍ରାଇସାଇକେଲ ବଣ୍ଟନ

ବାଲିପାଟଣା,୧୮।୭(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ପ୍ରଶାସନ ପକ୍ଷରୁ ରବିବାର ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ସୋମଣ ଓ ଅଠାନ୍ତର ପଞ୍ଚାୟତର ୨ଜଣଙ୍କୁ ବ୍ଲକ କାର୍ଯ୍ୟାଳୟରେ ଟ୍ରାଇସାଇକେଲ ପ୍ରଦାନ କରିଥିଲେ। ଚିହ୍ନଟ ଅନ୍ୟ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ପର୍ଯ୍ୟାୟକ୍ରମେ ପ୍ରଦାନ କରାଯିବ ବୋଲି ସମାଜ ମଙ୍ଗଳ ଅଧିକାରୀ ପଦ୍ମନାଭ ଭୋଳ କହିଛନ୍ତି।

# ଶାଳକ, ଭିଶୋଇଙ୍କ ଠକେଇ ଗୁମର ଖୋଲୁଛି

ଭୁବନେଶ୍ୱର,୧୮।୭(ବ୍ୟୁରୋ)

ରେଲ୍‌ୱେ ଚାକିରି ଆଳରେ ୫ଜଣ ଯୁବକଙ୍କଠାରୁ ୨୧ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଶାଳକ କଳିଙ୍ଗବିହାରର ସୌମ୍ୟ ରଞ୍ଜନ ରାଉତ ଓ ଭିଣୋଇ ସମରଜିତଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଶନିବାର ଗିରଫ କରିଥିଲା। ଏବେ ସେମାନଙ୍କ ଠକେଇ ଗୁମର ଖୋଲିବାରେ ଲାଗିଛି। ସେମାନେ ଗିରଫ ହୋଇଥିବା ଜାଣିବା ପରେ ଠକେଇର ଶିକାର ବହୁ ଯୁବକ ରବିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତମାଣ୍ଡୋ ଥାନାରେ ୫ରୁ ଊର୍ଦ୍ଧ୍ୱ ଅଭିଯୋଗ ହୋଇଥିବାବେଳେ ଅଭିଯୁକ୍ତ ଦ୍ୱୟ ସେମାନଙ୍କୁ ବ୍ୟାଙ୍କ ପିଓ ଓ କ୍ଲର୍କ ଚାକିରି କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକି ନେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ବଢ଼ିବା ପରେ ପୋଲିସ ଶାଳକ ଓ ଭିଣୋଇଙ୍କ ଠକେଇ ର୍‍ୟାକେଟକୁ ନେଇ ଅଧିକ ତଦନ୍ତ ଚଳାଇଛି। ଆବଶ୍ୟକ ପଡ଼ିଲେ ଭିଣୋଇ ସମରଜିତଙ୍କୁ ତମାଣ୍ଡୋ ପୋଲିସ ରିମାଣ୍ଡରେ ଆଣିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ସୌମ୍ୟରଞ୍ଜନଙ୍କୁ କରୋନା ହୋଇଥିବା ଜଣାପଡ଼ିଛି। ତେଣୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସମରଜିତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ସମରଜିତଙ୍କୁ ୫ଜଣ ଯୁବକ ଅପହରଣ କରିଥିବା ନେଇ ତାଙ୍କ ଭଉଣୀ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଅପହରଣକାରୀଙ୍କୁ ଗିରଫ କରିବା ପାଇଁ ସେମାନଙ୍କୁ ଟ୍ରାକ୍ କରିଥିଲା। ଏପଟେ ସମ୍ପୃକ୍ତ ଯୁବକମାନେ ସମରଜିତଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜିମା ଦେଇ ଠକେଇ ଅଭିଯୋଗ କରିଥିଲେ। ସମରଜିତ ଓ ତାଙ୍କ ଶାଳକ ସୌମ୍ୟରଞ୍ଜନ ରେଲ୍‌ୱେ ଚାକିରି ଦେବାକୁ କହି ୨୧ଲକ୍ଷ ଟଙ୍କା ଠକି ନେଇଥିବା ଏତଲାରେ ଉଲ୍ଲେଖ କରିଥିଲେ। ଉଭୟ ଥାନା ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଥିଲା। ଚନ୍ଦ୍ରଶେଖରପୁର ଥାନା ପୋଲିସ ଠକେଇ ମାମଲାରେ ସୌମ୍ୟରଞ୍ଜନ ଓ ସମରଜିତଙ୍କୁ ଗିରଫ କରିଥିବାବେଳେ ତମାଣ୍ଡୋ ଥାନା ପୋଲିସ ସମ୍ପୃକ୍ତ ୫ଜଣଙ୍କ ବିରୋଧରେ ଅପହରଣ ମାମଲା ରୁଜୁ କରିଥିଲା। ତେବେ ପୋଲିସ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରିବା ପରେ ନୋଟିସ ଦେଇ ଛାଡ଼ିଥିଲା।

### ଚାକିରି ଆଳରେ ଠକେଇ ର୍‍ୟାକେଟ



- ତମାଣ୍ଡୋ ଥାନାରେ ଆଉ ୫ରୁ ଊର୍ଦ୍ଧ୍ୱ ମାମଲା
- ରିମାଣ୍ଡରେ ଆସିପାରନ୍ତି ଅଭିଯୁକ୍ତ ଭିଣୋଇ
- ଜଣେ କୋର୍ଟ ଚାଲାଣ, ଅନ୍ୟଜଣଙ୍କୁ କରୋନା

### ଆଇନକୁ ହାତକୁ ନିଅନ୍ତୁ ନାହିଁ: ଡିସିପି

ଯୁବତୀ ଯୁବକମାନେ ଚାକିରି ଲୋଭରେ କାହାକୁ ଟଙ୍କା ନ ଦେବାକୁ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ସତର୍କ କରାଇଛନ୍ତି। ଚାକିରି ଆଳରେ ଠକମାନେ ନାନା ଭାବେ ଫସାଇ ଟଙ୍କା ଠକିନେଉଛନ୍ତି। ତେବେ ଏଭଳି ଘଟଣା ଘଟିଲେ କେହି ଆଇନକୁ ହାତକୁ ନିଅନ୍ତୁ ନାହିଁ। ସେମାନଙ୍କ ବିରୋଧରେ ଆଇନର ସହାୟତା ନିଅନ୍ତୁ। ଠକଙ୍କ ବିରୋଧରେ ଥାନାରେ ଅଭିଯୋଗ କରନ୍ତୁ। ପୋଲିସ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଡିସିପି କହିଛନ୍ତି।

### ଠକଙ୍କ ପାଇଁ ନଷ୍ଟ ହେଉଛି ଛାତ୍ରଙ୍କ ଭବିଷ୍ୟତ

ରାଜଧାନୀର ଦୁଇଟି ଅପହରଣ ଘଟଣାକୁ ନଜର ପକାଇଲେ ଭିନ୍ନ ଚିତ୍ର ଦେଖିବାକୁ ମିଳୁଛି। ଉଭୟ ଅପହରଣକାରୀ ଓ ଅପହୃତଙ୍କୁ ପୋଲିସ ଗିରଫ କରିଛି। ଅପହରଣକାରୀ ଚାକିରି ଆଶାୟୀ ଛାତ୍ର ହୋଇଥିବାବେଳେ ଅପହୃତମାନେ ସେମାନଙ୍କୁ ଠକିଥିବା ଜଣାପଡ଼ିଛି। ଏହି ଦୁଇ ଘଟଣାରେ ସାମାଜିକ ତଥା ଆପରାଧିକ ଦୁଇଟି ଦିଗକୁ ବିଶ୍ଳେଷଣ କଲେ ପୋଲିସ ଓ ନ୍ୟାୟ ପ୍ରସଙ୍ଗ ଉଠୁଛି। ଯୁବକମାନେ ପାଠପଢ଼ା ସାରିବା ପରେ ଚାକିରି ନ ପାଇ ବେକାର ବୁଲୁଛନ୍ତି। ଏପଟେ ଠକଙ୍କ ହାବୁଡ଼ରେ ପଡି ଘରୁ ମିଛ କହି ହେଉ କିମ୍ବା କେଉଁଠାରୁ ଧାର କରଜ କରି ସେମାନଙ୍କୁ ଲକ୍ଷାଧିକ ଟଙ୍କା ଗଣି ଦେଉଛନ୍ତି। ହେଲେ ଟଙ୍କା ପାଇବା ପରେ ଠକମାନେ ଆଉ ଧରାଛୁଆଁ ଦେଉନାହାନ୍ତି। ଥାନାରେ ଅଭିଯୋଗ କଲେ କେଉଁଠି ପୋଲିସ ମାମଲା ରୁଜୁ କରି ଚୁପ୍ ବସୁଛି, ତ ଆଉ କେଉଁଠି ଶୁଣୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଠକେଇର ଶିକାର ହୋଇ ମାନସିକ ଭାରସାମ୍ୟ ହରାଇଥିବା ଯୁବକମାନେ ଟଙ୍କା ଫେରି ପାଇବା ପାଇଁ ଆଇନକୁ ହାତକୁ ନେବାକୁ ବାଧ୍ୟ ହେବା ସହ ଅପହରଣ ଭଳି ପନ୍ଥାକୁ ଆପଣାଉଛନ୍ତି। ସମାଜ ଆଖିରେ ଏମାନେ ପାଲଟି ଯାଉଛନ୍ତି ଅପହରଣକାରୀ। ଫଳରେ ପୋଲିସ ସେମାନଙ୍କୁ ଗିରଫ କରୁଛି। ଏହାଦ୍ୱାରା ସେମାନଙ୍କ ଜୀବନ ନଷ୍ଟ ହେବା ସହ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲିହୋଇ ଯାଉଛି। ଏକ୍ଷେତ୍ରରେ ପୋଲିସର ସାମାଜିକ ଦାୟିତ୍ୱବୋଧ ବି ବେଶ୍ ଗୁରୁତ୍ୱ ବହନ କରୁଛି।

### ଅବକାରୀ ଚଢ଼ାଉ: ୪ ଗିରଫ



ଭୁବନେଶ୍ୱର,୧୮।୭(ବ୍ୟୁରୋ): ଅବକାରୀ ବିଭାଗର ଟିମ୍ ରବିବାର କମିଶନରେଟ ପୋଲିସର ଦୁଇ ଥାନା ଅଞ୍ଚଳରେ ଚଢାଉ କରି ୪୮ ଲିଟର ଦେଶୀ ମଦ ଓ ୧୦ କେଜି ଭାଙ୍ଗ ଜବତ କରିବା ସହ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଞ୍ଚେଶ୍ୱର ଥାନା ଚକେଇସିଆଣୀରେ ରହୁଥିବା ପ୍ରଶାନ୍ତ ବରାଳ(୨୪) ଓ ଅନିଲ କୁମାର ଦାସ (୩୧)ଏବଂ ଲିଙ୍ଗରାଜ ଥାନା ପୁରୁଣା ଭୁବନେଶ୍ୱର କେଉଟ ସାହିର ସୁବାସ ଚନ୍ଦ୍ର ଦେବତା(୩୦) ଓ ଦେବାଶିଷ ବେହେରା(୩୬)। ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରଶାନ୍ତ ଓ ଅନିଲ ଚକେଇସିଆଣୀ ଛକରେ ଥିବା ଏକ ଢାବା କଡରେ ଦୀର୍ଘଦିନ ହେଲା ଦେଶୀ ମଦ ବିକ୍ରି କରୁଥିଲେ। ସେହିପରି ସୁବାସ ଓ ଦେବାଶିଷ ପୁରୁଣା ଭୁବନେଶ୍ୱର କେଉଟ ସାହିରେ ବହୁଦିନ ଧରି ଭାଙ୍ଗ କାରବାର ଚଲାଇଥିଲେ। ଏନେଇ ଅବକାରୀ ବିଭାଗ ଖବର ପାଇ ଏକକାଳୀନ ଦୁଇଟି ଜାଗାରେ ଚଢାଉ କରିଥିଲା।

### ରଙ୍ଗିନ ଦିଶିଲା ରାସ୍ତା



ରବିବାର ଶଟ୍‌ଡାଉନ୍ ସତ୍ତ୍ୱେ ବିକ୍ରି ଆଶାରେ ଭୁବନେଶ୍ୱର ରସୁଲଗଡ଼ ନିକଟ ଜାତୀୟ ରାଜପଥରେ ବୁଲୁଥିବା ଦୁଇ ଖେଳଣା ବିକାଳି।

### ତାଲାବନ୍ଦରେ ଖାଦ୍ୟ ଯୋଗାଉଛି ସିଏସ୍ଏସ୍ଡି

ଭୁବନେଶ୍ୱର, ୧୮।୭ (ବ୍ୟୁରୋ): କରୋନା ମହାମାରୀରେ କାମଧନ୍ଦା ବନ୍ଦ ହୋଇଯାଇଥିବାରୁ ଅନେକ କଷ୍ଟରେ ଚଳୁଛନ୍ତି। ଏପରି ଅସହାୟଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଣ୍ଟର ଫର୍ ସୋସିଆଲ୍ ସର୍ଭିସ୍ ଆଣ୍ଡ୍ ଡେ଼ଭେଲପ୍‌ମେଣ୍ଟ (ସିଏସ୍ଏସ୍ଡି) ଖାଦ୍ୟ ଯୋଗାଇବାସହ ସଚେତନ କରୁଛି। ରାଜମହଲ, ମାଷ୍ଟରକ୍ୟାଣ୍ଟିନ୍, ବରମୁଣ୍ଡା, ନୟାପଲ୍ଲୀ, ଜୟଦେବ ବିହାର ଛକ ଏବଂ ବିଭିନ୍ନ ଫ୍ଲାଏ ଓଭର୍ ବ୍ରିଜ୍ ତଳେ ଦୈନିକ ଶହେରୁ ଦେଢଶହ ଜଣଙ୍କୁ ଖାଦ୍ୟ ଦିଆଯାଉଛି। ଏଥିସହ ଗୋରୁଙ୍କ ପାଇଁ ପାଣିର ବ୍ୟବସ୍ଥା କରାଯାଇଛ ବୋଲି ଅନୁଷ୍ଠାନର ମୁଖପାତ୍ର ସ୍ମୃତି ରଞ୍ଜନ ସିଂହ ଓ ତାପସ ରଞ୍ଜନ ରାୟ କହିଛନ୍ତି।

### କେବଳ ମୁଷ୍ଟିମେୟଙ୍କୁ ନେଇ ସମାଜ ଆଗକୁ ଯାଇପାରିବ ନାହିଁ

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ଆନନ୍ଦ ମାର୍ଗ ପ୍ରଚାରକ ସଂଘ ତରଫରୁ ଦ୍ୱିତୀୟ ପର୍ଯ୍ୟାୟ ତ୍ରିଦିବସୀୟ ସେମିନାର ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଆନନ୍ଦ ମାର୍ଗର ବରିଷ୍ଠ ଆଚାର୍ଯ୍ୟ ଶମ୍ଭୁଶିବାନନ୍ଦ ଅବଧୂତ 'ପ୍ରମା' ବିଷୟ ଉପରେ ଆଲୋକପାତ କରିଥିଲେ। ସେ କହିଲେ ପ୍ରମା ହେଉଛି ଭାରସାମ୍ୟ ବା ସନ୍ତୁଳନ, ଯାହାକୁ ଗୁଣ ତ୍ରିକୋଣ ଓ ଲୋକ ତ୍ରିକୋଣ ଦ୍ୱାରା ବୁଝିହୁଏ। ଲୋକ ତ୍ରିକୋଣ ହେଉଛି, ଜାଗତିକ, ମାନସିକ ଏବଂ ଆଧ୍ୟାତ୍ମିକ ଭାରସାମ୍ୟ ବଜାୟ ରଖିବା। ମଣିଷ ଏ ପର୍ଯ୍ୟନ୍ତ ଭୌତିକ, ମାନସିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ପ୍ରମା ତ୍ରିକୋଣ ସ୍ଥାପିତ କରିବାରେ ଅସଫଳ ହୋଇ ରହିଛି। ତିନୋଟି ସ୍ତରରେ ପ୍ରମା ଅଭାବର ଭିନ୍ନ ଭିନ୍ନ ପରିଣାମ ଦେଖିବାକୁ ମିଳୁଛି। ଆଧ୍ୟାତ୍ମିକ କ୍ଷେତ୍ରରେ ପ୍ରମାର ଅଭାବ ହେଉଛି ଜୀବାତ୍ମାର ପରମାତ୍ମାଙ୍କ ସହିତ ମହାମିଳନର ଅଭାବ। ଜୀବନର ଏହି ତିନୋଟି ସ୍ତରରେ ଭାରସାମ୍ୟ ରଖି ଆଗକୁ ବଢ଼ିବା ଉପରେ ଗୁରୁତ୍ୱାରୋପ କର ସେ କହିଥିଲେ, କେବଳ ମୁଷ୍ଟିମେୟ ଲୋକ ଆଗକୁ ବଢ଼ିଲେ ସମାଜ ଆଗକୁ ବଢ଼ିପାରିବ ନାହିଁ। ସମସ୍ତଙ୍କୁ ସାଥିରେ ନେଇ ଆଗକୁ ବଢ଼ିବାକୁ ହେବ। ସୁସ୍ଥ ସମାଜ ଗଠନ ଲାଗି ପ୍ରମାକୁ ବୁଝିବା ଆବଶ୍ୟକ ବୋଲି ସେ କହିଥିଲେ। ସଂଘର ରିଜିଓନାଲ ସେକ୍ରେଟାରୀ ଆଚାର୍ଯ୍ୟ ନବରୁନାନନ୍ଦ ଅବଧୂତ ପ୍ରମୁଖ ଯୋଗଦେଇଥିଲେ।

# ରାତି ଅଧରେ ଜେସିବି ଲଗାଇ ସ୍କୁଲ ଭାଙ୍ଗିଲେ

ଭୁବନେଶ୍ୱର,୧୮।୭(ବ୍ୟୁରୋ)

ଲକ୍ଷ୍ମୀସାଗର ଥାନାଞ୍ଚଳରେ ଥିବା ଏକ ଘରୋଇ ସ୍କୁଲକୁ ଜେସିବି ଲଗାଇ ଭାଙ୍ଗି ଦିଆଯାଇଛି। ସ୍କୁଲଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ କମ୍ପ୍ୟୁଟର, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସମେତ ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଛି। ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାବେଳେ ରବିବାର ସ୍କୁଲର ସମ୍ପାଦିକା ଲକ୍ଷ୍ମୀ ପାଣିଗ୍ରାହୀ ଜମି ମାଲିକଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ସ୍କୁଲରେ ଥିବା ୨ଲକ୍ଷ ଟଙ୍କା ଚୋରି ହୋଇଥିବା ଲକ୍ଷ୍ମୀ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ଆଇପିସି ଦଫା ୨୯୪, ୪୨୭, ୪୫୭, ୩୮୦, ୫୦୬ ଓ ୩୪ରେ ଏକ ମାମଲା (ନଂ.୨୨୮/୨୧) ରୁଜୁ କରି ତଦନ୍ତ ଚଳାଇଛି।

ଲକ୍ଷ୍ମୀଙ୍କ ଅଭିଯୋଗ ଅନୁଯାୟୀ, ୨୦୦୪ରେ ତାଙ୍କ ସ୍ୱାମୀ ଚିନ୍ତାମଣିଶ୍ୱରରେ ଦୁଇଟି ଘରକୁ ଭଡାରେ ନେଇ ଏକ ଘରୋଇ ସ୍କୁଲ କରିଥିଲେ। ପରବର୍ତ୍ତୀ ସମୟରେ ସେଠାରେ ଆଉ ୭ଟି ଘର ତିଆରି କରିଥିଲେ। ତେବେ ୨୦୧୦ରେ ତାଙ୍କ ସ୍ୱାମୀ ଉକ୍ତ ଜମିକୁ କ୍ରୟ କରିବାକୁ ମାଲିକଙ୍କୁ ୧୫ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଦୁର୍ଭାଗ୍ୟବଶତଃ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଉକ୍ତ ଟଙ୍କାକୁ ଜମି ମାଲିକ ଆଉ ଫେରସ୍ତ କରି ନ ଥିଲେ। ଏଥିସହ ଘର ଭଡା ବାବଦକୁ ଟଙ୍କା ନେଉଥିଲେ। ଜୁନ ୨୪ରେ ଘର ମାଲିକ ଘର କରିବାକୁ କହି ଜାଗା ଛାଡିବାକୁ କହିଥିଲେ। ଫଳରେ ଲକ୍ଷ୍ମୀ ଘର ଛାଡିବା ପାଇଁ କିଛିଦିନ ସମୟ ମାଗିଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ଶନିବାର ରାତି ପ୍ରାୟ ଗୋଟାଏରେ ୫୦ରୁ ଊର୍ଦ୍ଧ୍ୱ ଲୋକ ପହଞ୍ଚି ଜେସିବି ଲଗାଇ ସ୍କୁଲ ଭାଙ୍ଗି ଦେଇଥିଲେ।

### ଥାନାରେ ମାମଲା



### ଆନ୍ତର୍ଜାତିକ ସତ୍‌ସଙ୍ଗରେ ଶ୍ରୀଜଗନ୍ନାଥଙ୍କ ପରମ୍ପରା

ଭୁବନେଶ୍ୱର, ୧୮।୭ (ବ୍ୟୁରୋ)

ଶ୍ରୀ ଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲଡ ୱାଇଡ୍ (ଏସ୍‌ଜେସିସିଡବ୍ଲ୍ୟୁଡବ୍ଲ୍ୟୁ) ଓ ଆଇରିଶ୍ ଓଡ଼ିଆ ଆସୋସିଏଶନ (ଆଇଓଏ)ର ମିଳିତ ସହଯୋଗରେ ଆନ୍ତର୍ଜାତିକ ସତ୍‌ସଙ୍ଗ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବ, ସ୍ୱାମୀ ମାଧବାନନ୍ଦ ସରସ୍ୱତୀ, ସଚ୍ଚିଦାନନ୍ଦ ଦାସ ମହାରାଜ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଦେଶର ପ୍ରତିନିଧିମାନେ ଯୋଗଦେଇ ସେମାନଙ୍କ ଦେଶରେ ପ୍ରଚଳିତ ଜଗନ୍ନାଥ ପରମ୍ପରା ସମ୍ପର୍କରେ ସୂଚନା ଦେଇଥିଲେ। ଏସ୍‌ଜେସିସିଡବ୍ଲ୍ୟୁଡବ୍ଲ୍ୟୁର ସଭାପତି ଭଗବାନ ପଣ୍ଡା, ଆଇଓଏର ଡ. ଦିଲୀପ ମହାପାତ୍ର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢୀ ଏବଂ କଣ୍ଠଶିଳ୍ପୀ ପ୍ରତିମାରାଣୀ ପଣ୍ଡା ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜିବ ବାରିକ, ସରୋଜ କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ମିନୁ ମିଶ୍ର ଧନ୍ୟବାଦ ଦେଇଥିଲେ।

### ୧୫ ଡାକ୍ତର, ନର୍ସଙ୍କୁ କରୋନା ଯୋଦ୍ଧା ସମ୍ମାନ



ସମ୍ମାନ ପ୍ରଦାନ ଅବସରରେ ବିଧାୟକ, ଡାକ୍ତର ଓ ଅନ୍ୟମାନେ।

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ତୁଷାର ଚାରିଟେବୁଲ ଟ୍ରଷ୍ଟ ଓ ଆଚାର୍ଯ୍ୟ ବିହାର ପରିଷଦ ପକ୍ଷରୁ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଚାର୍ଯ୍ୟ ବିହାରସ୍ଥିତ ଏକ ହସ୍ପିଟାଲ ପରିସରରେ ୧୫ଜଣ ଡାକ୍ତର ଓ ନର୍ସଙ୍କୁ 'କରୋନା ଯୋଦ୍ଧା ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ଟ୍ରଷ୍ଟ ତରଫରୁ ଆଚାର୍ଯ୍ୟ ବିହାର ପାର୍କ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରିବା ସହିତ ନିଷ୍ଠା, କର୍ତ୍ତବ୍ୟ ଓ ତ୍ୟାଗ ପାଇଁ ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ ବୋଲି କହିଥିଲେ। ମହାମାରୀ ସମୟରେ ଜୀବନକୁ ବାଜି ଲଗାଇ ଦିନରାତି ଲୋକଙ୍କୁ ସେବା ଯୋଗାଇ ଆସୁଛନ୍ତି। ସେମାନଙ୍କର ଏହି ମହନୀୟ କାର୍ଯ୍ୟ ପାଇଁ ଟ୍ରଷ୍ଟ ତରଫରୁ ଡା. ସିଦ୍ଧାର୍ଥ ବେହେରା, ରବିରଞ୍ଜନ ରାଉତ, ଅଶ୍ୱିନୀ କୁମାର ପାଟଶାଣି, ସୌଦାମିନୀ ସାହୁ, ପ୍ରତିମା ଦେଈ, ଡା. ଶାନ୍ତିଲତା ରଥ, ଡା. ଦେବବ୍ରତ ପାଢୀ, ଡା. ଦ୍ୱିଜେଶ କୁମାର ପଣ୍ଡା, ଡା. ଅଶୋକ କୁମାର ଦାସ, ଡା. ବି.ପି. ଦୁବେ, ଡା. ସନ୍ତୋଷ ବିଶ୍ୱାଳ, ସସ୍ମିତା ବିଶ୍ୱାଳ, ଡା. ମମତା ରଥ. ଡା. ମନୋଜ କୁମାର ତ୍ରିପାଠୀ ଏବଂ ଡା. ରମେଶ ଚନ୍ଦ୍ର ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବିରଞ୍ଚି ନାରାୟଣ ମହାସୁପକାର, ଟ୍ରଷ୍ଟର ଉପଦେଷ୍ଟା ନବକିଶୋର ବେହେରା, ଶିବିର କୁମାର ପରିଡ଼ା, ପୁଷ୍ପାଞ୍ଜଳି ଦାସ, ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଭାଗବତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବସ୍ତି ପିଲାଙ୍କ ପାଇଁ ଆଦର୍ଶ ପ୍ରମୋଦ

ଭୁବନେଶ୍ୱର, ୧୮।୭ (ବ୍ୟୁରୋ)

ମନର ଭାବନାକୁ ରଙ୍ଗ ତୂଳୀରେ ପରିପ୍ରକାଶ କରିବା ସହ ମାଟିରେ ଅନେକ ସୁନ୍ଦର ପ୍ରତିମୂର୍ତ୍ତି ଓ ହସ୍ତଶିଳ୍ପ ସାମଗ୍ରୀ ତିଆରି କରିବାରେ ସିଦ୍ଧହସ୍ତ ହେଉଛନ୍ତି ଭୁବନେଶ୍ୱର ଖଣ୍ଡଗିରି ବାରି ଅଞ୍ଚଳର ପ୍ରମୋଦ ମୁଦୁଲି। ତାଙ୍କ ହାତ ସ୍ପର୍ଶରେ ସତେ ଅବା ଜୀବନ୍ତ ହୋଇଉଠେ ସବୁକିଛି। ଗତବର୍ଷ କରୋନା କାଳରେ ଏକ ଅଟୋକୁ କୋଭିଡ୍ ଭୂତାଣୁ ଆକାର ଦେବା ସହ ସଚେତନତା କରି ଚର୍ଚ୍ଚାକୁ ଆସିଥିବା ପ୍ରମୋଦ ଏବେ ଦ୍ୱିତୀୟ ଲହରରେ ବସ୍ତି ପିଲାଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଲାଗି ପଡିଛନ୍ତି। ମାଗଣାରେ ହସ୍ତକଳା ଓ ଫାଇନ୍ ଆର୍ଟ ପ୍ରଶିକ୍ଷଣ ଦେଇ ପ୍ରତିଭା ତିଆରି କରୁଛନ୍ତି। କେବଳ ଜଣେ ଶିଳ୍ପୀ ଭାବେ ନୁହେଁ, ଆଖପାଖ ଅଞ୍ଚଳରେ ଜଣେ ପରିଚିତ ଚେହେରା ପ୍ରମୋଦ ବିଶେଷକରି ବସ୍ତି ପିଲାଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି।

କଳା ପ୍ରତି ସମର୍ପିତ ପ୍ରମୋଦ ନିଜ ଅଞ୍ଚଳର ଗରିବ ପିଲାଙ୍କୁ ମାଗଣାରେ ହସ୍ତକଳା ଶିକ୍ଷା ଦେବା ପାଇଁ ଅଣ୍ଟା ଭିଡିଛନ୍ତି। 'ଓଡିଶା ଆର୍ଟ ଫାଉଣ୍ଡେଶନ ଟ୍ରଷ୍ଟ' ଗଢି ନିଜ ଅନୁଷ୍ଠାନରେ ୫୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ହସ୍ତକଳା ପ୍ରଶିକ୍ଷଣ ଦେଉଛନ୍ତି। କେବଳ ସେତିକି ନୁହେଁ, ପିଲାଙ୍କୁ ଟେରାକୋଟା, ୱାଟର କଲର, ଫାଇବର, ଫାଇନ୍ ଆର୍ଟର ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ମାଟିରେ କାନଫୁଲ, ନେକ୍‌ଲେସ୍, ବେଙ୍ଗଲ୍ସ ନୂଆ ଭାବେ ତିଆରି ହେଉଛି। ବର୍ତ୍ତମାନ ଏଠାରେ ପ୍ରଶିକ୍ଷଣ ନେଇଥିବା ପିଲା ଘରସଜାଠାରୁ ଆରମ୍ଭ କରି ରୂପସଜ୍ଜା ସାମଗ୍ରୀ ତିଆରି କରିବାରେ ନିପୁଣ ହେଲେଣି। ମାଟି ତିଆରି ଅଳଙ୍କାର ଚାହିଦାକୁ ଦେଖି ପିଲାଙ୍କୁ ଏନେଇ ପ୍ରଶିକ୍ଷଣ ଦିଆଯାଉଥିବା କହିଛନ୍ତି ପ୍ରମୋଦ। ସେ କୁହନ୍ତି, ପୋଡାମାଟିରେ ପ୍ରସ୍ତୁତ କରାଯାଉଛି ବେଙ୍ଗଲ୍ସ। ଦାମ୍ ୪୦ ଟଙ୍କାରୁ ଆରମ୍ଭ ହୋଇ ୧୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ମାଟିରେ କାନଫୁଲ, ନେକ୍‌ଲେସ୍ ତିଆରି କରି ସେଥିରେ ବିଭିନ୍ନ ରଙ୍ଗ ଦେଇ ପ୍ରସ୍ତୁତ ହେଉଛି ଅଳଙ୍କାର ସେଟ୍। ଦାମ୍ ୧୦୦ରୁ ଆରମ୍ଭ ହୋଇ ୧ହଜାର ପର୍ଯ୍ୟନ୍ତ ରହିଛି। ଏହା ଗ୍ରାହକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇ ପାରୁଛି। ଆଗାମୀ ଦିନରେ ଶାଢୀ ଓ ଡ୍ରେସ୍‌ର ଡିଜାଇନ୍‌କୁ ଦେଖି କାନଫୁଲ ଓ ନେକ୍‌ଲେସ୍ ସେଟ୍ ତିଆରି କରିବାର ଲକ୍ଷ୍ୟ ରହିଛି। କେବଳ ସେତିକି ନୁହେଁ, ପୁରୁଣା ଅଦରକାରୀ ବା ବର୍ଜ୍ୟବସ୍ତୁରୁ ମଧ୍ୟ କିପରି ନୂଆ ଜିନିଷ ତିଆରି ହୋଇ ପାରିବ ସେ ନେଇ ମଧ୍ୟ କାମ କରୁଛନ୍ତି ପିଲାମାନେ।

ଅନ୍ୟପକ୍ଷରେ ପ୍ରମୋଦ ପୁରୁଣା ଅଦରକାରୀ ସ୍କୁଟରକୁ ରଙ୍ଗ ଦେଇ ସେଥିରେ ପଟ୍ଟଚିତ୍ର ଅଙ୍କନ କରି ତାକୁ ଖୁବ୍ ସୁନ୍ଦର ଭାବେ ପ୍ରଦର୍ଶିତ କରିଛନ୍ତି। ଏହାକୁ ତୋଷାଳି ମେଳା ଓ ଅନେକ ବିବାହ ମଣ୍ଡପରେ ସେଲ୍‌ଫି ଜୋନ୍ ଭାବେ ମଧ୍ୟ ବ୍ୟବହାର କରି ପ୍ରଶଂସିତ ହୋଇ ପାରିଛନ୍ତି। ଏହା ବ୍ୟତୀତ ଭୁବନେଶ୍ୱର ନାଲ୍‌କୋ ଭବନ ପରିସର ଗଛଗୁଡିକୁ ଅତି ସୁନ୍ଦର ପେଣ୍ଟିଂ କରି ସେ ନିଜ କଳାର ପ୍ରମାଣ ଦେଇ ପାରିଛନ୍ତି।



ବସ୍ତି ପିଲାଙ୍କୁ ଚିତ୍ରକଳା ଶିଖାଉଛନ୍ତି ପ୍ରମୋଦ।

- ମାଗଣାରେ ଦେଉଛନ୍ତି ହସ୍ତକଳା ଓ ଫାଇନ୍ ଆର୍ଟ ଶିକ୍ଷା
- ମାଟିରେ ତିଆରି ହେଉଛି ଆକର୍ଷଣୀୟ ଅଳଙ୍କାର
- କରୋନା ସଚେତନତା ରଥ ତିଆରି କରି ଚର୍ଚ୍ଚାକୁ ଆସିଥିଲେ





# ଶାଳକ, ଭିଣୋଇଙ୍କ ଠକେଇ ଗୁମର ଖୋଲୁଛି

ଭୁବନେଶ୍ୱର,୧୮।୭(ବ୍ୟୁରୋ)

## ଚାକିରି ଆଳରେ ଠକେଇ ର୍‍ୟାକେଟ



- ତମାଣ୍ଡୋ ଥାନାରେ ଆଉ ୫ରୁ ଊର୍ଦ୍ଧ୍ୱ ମାମଲା
- ରିମାଣ୍ଡରେ ଆସିପାରନ୍ତି ଅଭିଯୁକ୍ତ ଭିଣୋଇ
- ଜଣେ କୋର୍ଟ ଚାଲାଣ, ଅନ୍ୟଜଣଙ୍କୁ କରୋନା

ରେଲ୍‌ୱେ ଚାକିରି ଆଳରେ ୫ଜଣ ଯୁବକଙ୍କଠାରୁ ୨୧ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଶାଳକ କଳିଙ୍ଗବିହାରର ସୌମ୍ୟ ରଞ୍ଜନ ରାଉତ ଓ ଭିଣୋଇ ସମରଜିତଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଶନିବାର ଗିରଫ କରିଥିଲା। ଏବେ ସେମାନଙ୍କ ଠକେଇ ଗୁମର ଖୋଲିବାରେ ଲାଗିଛି। ସେମାନେ ଗିରଫ ହୋଇଥିବା ଜାଣିବା ପରେ ଠକେଇର ଶିକାର ବହୁ ଯୁବକ ରବିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତମାଣ୍ଡୋ ଥାନାରେ ୫ରୁ ଊର୍ଦ୍ଧ୍ୱ ଅଭିଯୋଗ ହୋଇଥିବାବେଳେ ଅଭିଯୁକ୍ତ ଦ୍ୱୟ ସେମାନଙ୍କୁ ବ୍ୟାଙ୍କ ପିଓ ଓ କ୍ଲର୍କ ଚାକିରି କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକି ନେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ବଢ଼ିବା ପରେ ପୋଲିସ ଶାଳକ ଓ ଭିଣୋଇଙ୍କ ଠକେଇ ର୍‍ୟାକେଟକୁ ନେଇ ଅଧିକ ତଦନ୍ତ ଚଳାଇଛି। ଆବଶ୍ୟକ ପଡ଼ିଲେ ଭିଣୋଇ ସମରଜିତଙ୍କୁ ତମାଣ୍ଡୋ ପୋଲିସ ରିମାଣ୍ଡରେ ଆଣିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ସୌମ୍ୟରଞ୍ଜନଙ୍କୁ କରୋନା ହୋଇଥିବା ଜଣାପଡିଛି। ତେଣୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସମରଜିତ୍‌ଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ସମରଜିତଙ୍କୁ ୫ଜଣ ଯୁବକ ଅପହରଣ କରିଥିବା ନେଇ ତାଙ୍କ ଭଉଣୀ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଅପହରଣକାରୀଙ୍କୁ ଗିରଫ କରିବା ପାଇଁ ସେମାନଙ୍କୁ ଟ୍ରାକ୍ କରିଥିଲା। ଏପଟେ ସମ୍ପୃକ୍ତ ଯୁବକମାନେ ସମରଜିତଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜିମା ଦେଇ ଠକେଇ ଅଭିଯୋଗ କରିଥିଲେ। ସମରଜିତ ଓ ତାଙ୍କ ଶାଳକ ସୌମ୍ୟରଞ୍ଜନ ରେଲ୍‌ୱେ ଚାକିରି ଦେବାକୁ କହି ୨୧ଲକ୍ଷ ଟଙ୍କା ଠକି ନେଇଥିବା ଏତଲାରେ ଉଲ୍ଲେଖ କରିଥିଲେ। ଉଭୟ ଥାନା ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଥିଲା। ଚନ୍ଦ୍ରଶେଖରପୁର ଥାନା ପୋଲିସ ଠକେଇ ମାମଲାରେ ସୌମ୍ୟରଞ୍ଜନ ଓ ସମରଜିତଙ୍କୁ ଗିରଫ କରିଥିବାବେଳେ ତମାଣ୍ଡୋ ଥାନା ପୋଲିସ ସମ୍ପୃକ୍ତ ୫ଜଣଙ୍କ ବିରୋଧରେ ଅପହରଣ ମାମଲା ରୁଜୁ କରିଥିଲା। ତେବେ ପୋଲିସ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରିବା ପରେ ନୋଟିସ ଦେଇ ଛାଡ଼ିଥିଲା।

### ଆଇନକୁ ହାତକୁ ନିଅନ୍ତୁ ନାହିଁ: ଡିସିପି

ଯୁବତୀଯୁବକମାନେ ଚାକିରି ଲୋଭରେ କାହାକୁ ଟଙ୍କା ନ ଦେବାକୁ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ସତର୍କ କରାଇଛନ୍ତି। ଚାକିରି ଆଳରେ ଠକମାନେ ନାନା ଭାବେ ଫସାଇ ଟଙ୍କା ଠକିନେଉଛନ୍ତି। ତେବେ ଏଭଳି ଘଟଣା ଘଟିଲେ କେହି ଆଇନକୁ ହାତକୁ ନିଅନ୍ତୁ ନାହିଁ। ସେମାନଙ୍କ ବିରୋଧରେ ଆଇନର ସହାୟତା ନିଅନ୍ତୁ। ଠକଙ୍କ ବିରୋଧରେ ଥାନାରେ ଅଭିଯୋଗ କରନ୍ତୁ। ପୋଲିସ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଡିସିପି କହିଛନ୍ତି।

### ଠକଙ୍କ ପାଇଁ ନଷ୍ଟ ହେଉଛି ଛାତ୍ରଙ୍କ ଭବିଷ୍ୟତ

ରାଜଧାନୀର ଦୁଇଟି ଅପହରଣ ଘଟଣାକୁ ନଜର ପକାଇଲେ ଭିନ୍ନ ଚିତ୍ର ଦେଖିବାକୁ ମିଳୁଛି। ଉଭୟ ଅପହରଣକାରୀ ଓ ଅପହୃତଙ୍କୁ ପୋଲିସ ଗିରଫ କରିଛି। ଅପହରଣକାରୀ ଚାକିରି ଆଶାୟୀ ଛାତ୍ର ହୋଇଥିବା ବେଳେ ଅପହୃତମାନେ ସେମାନଙ୍କୁ ଠକିଥିବା ଜଣାପଡିଛି। ଏହି ଦୁଇ ଘଟଣାରେ ସାମାଜିକ ତଥା ଆପରାଧିକ ଦୁଇଟି ଦିଗକୁ ବିଶ୍ଳେଷଣ କଲେ ପୋଲିସ ଓ ନ୍ୟାୟ ପ୍ରସଙ୍ଗ ଉଠୁଛି। ଯୁବକମାନେ ପାଠପଢ଼ା ସାରିବା ପରେ ଚାକିରି ନ ପାଇ ବେକାର ବୁଲୁଛନ୍ତି। ଏପଟେ ଠକଙ୍କ ହାବୁଡ଼ରେ ପଡି ଘରୁ ମିଛ କହି ହେଉ କିମ୍ବା କେଉଁଠାରୁ ଧାର କରଜ କରି ସେମାନଙ୍କୁ ଲକ୍ଷାଧିକ ଟଙ୍କା ଗଣି ଦେଉଛନ୍ତି। ହେଲେ ଟଙ୍କା ପାଇବା ପରେ ଠକମାନେ ଆଉ ଧରାଛୁଆଁ ଦେଉନାହାନ୍ତି। ଥାନାରେ ଅଭିଯୋଗ କଲେ କେଉଁଠି ପୋଲିସ ମାମଲା ରୁଜୁ କରି ଚୁପ୍ ବସୁଛି, ତ ଆଉ କେଉଁଠି ଶୁଣୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଠକେଇର ଶିକାର ହୋଇ ମାନସିକ ଭାରସାମ୍ୟ ହରାଇଥିବା ଯୁବକମାନେ ଟଙ୍କା ଫେରି ପାଇବା ପାଇଁ ଆଇନକୁ ହାତକୁ ନେବାକୁ ବାଧ ହେବା ସହ ଅପହରଣ ଭଳି ପନ୍ଥାକୁ ଆପଣାଉଛନ୍ତି। ସମାଜ ଆଖିରେ ଏମାନେ ପାଲଟି ଯାଉଛନ୍ତି ଅପହରଣକାରୀ। ଫଳରେ ପୋଲିସ ସେମାନଙ୍କୁ ଗିରଫ କରୁଛି। ଏହାଦ୍ୱାରା ସେମାନଙ୍କ ଜୀବନ ନଷ୍ଟ ହେବା ସହ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲିହୋଇ ଯାଉଛି। ଏକ୍ଷେତ୍ରରେ ପୋଲିସର ସାମାଜିକ ଦାୟିତ୍ୱବୋଧ ବି ବେଶ୍ ଗୁରୁତ୍ୱ ବହନ କରୁଛି।

## ସଂକ୍ଷେପରେ

### ନବଜାତ ଶିଶୁକନ୍ୟା ମୃତଦେହ ଜବତ

ନିରାକାରପୁର,୧୮।୭(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ମଞ୍ଜାରିଆପାଟଣା ନିକଟ ପରିତ୍ୟକ୍ତ ସ୍ଥାନରୁ ରବିବାର ପୋଲିସ ଏକ ନବଜାତ ଶିଶୁକନ୍ୟାର ମୃତଦେହ ଜବତ କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬/୨୧)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମଞ୍ଜାରିଆପାଟଣା ଠାରେ ରବିବାର କେତେଜଣ ବ୍ୟକ୍ତିଙ୍କ ଜମି ମାପଚୁପ ହେଉଥିଲା। ଏହି ସମୟରେ ଉକ୍ତ ସ୍ଥାନର ପରିତ୍ୟକ୍ତ ବୁଦା ମୂଳରୁ ଏକ ନବଜାତ ଶିଶୁକନ୍ୟାଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। କେହି ଶିଶୁକନ୍ୟାଙ୍କୁ ଏଠାରେ ଫୋପାଡ଼ି ଦେଇଥିବା ଚର୍ଚ୍ଚା ହେଉଛି।

### ଜଳିଗଲା ଦୋକାନ

ଟାଙ୍ଗୀ(ଖୋର୍ଦ୍ଧା),୧୮।୭(ଡି.ଏନ୍.ଏ.): ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଡ଼ା ପଞ୍ଚାୟତର ପାଣିଦୁଆର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୋଟିଏ ତେଜରାତି ଦୋକାନ ଜଳିଯାଇଛି। ଫଳରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, କାଳିଆ ବେହେରା ଘରେ ଏକ ତେଜରାତି ଦୋକାନ କରି ବ୍ୟବସାୟ କରୁଥିଲେ। କୌଣସି କାରଣରୁ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ଦୋକାନ ଜଳିଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳକୁ ଯିବା ବେଳେ ଦଳବେହେରା ସାହିର ଦୁଇପାର୍ଶ୍ୱ ରାସ୍ତା ସଙ୍କୁଚିତ ଥିବାରୁ ଦମକଳ ଗାଡ଼ି ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଫଳରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ଯାଇଥିଲା।

### ଟ୍ରକ୍‌କୁ ପିଟିଲା ଟ୍ରକ୍, ଯାତାୟାତ ବାଧାପ୍ରାପ୍ତ

ବାଣପୁର,୧୮।୭(ଡି.ଏନ୍.ଏ.): ବାଣପୁର ଥାନା ନାଚୁଣୀ ଫାଣ୍ଡି ନିକଟ ହରିକୁଣ୍ଡ ବରଡି ଓଭରବ୍ରିଜଠାରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଶନିବାର ବିଳମ୍ବିତ ରାତିରୁ ଏକ ଟ୍ରକ୍ ଛିଡା ହୋଇଥିଲା। ରବିବାର ଭୋରରୁ ଏକ ବାଇକ ବୋଝେଇ ଟ୍ରକ ତାମିଲନାଡୁରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। କୌଣସି କାରଣରୁ ପୂର୍ବରୁ ଛିଡା ହୋଇଥିବା ଟ୍ରକ୍‌କୁ ଉକ୍ତ ଟ୍ରକ ପଛପଟକୁ ଧକ୍କା ଦେଇଥିଲା। ଫଳରେ ଗାଡି ଦୁଇଟି ରାସ୍ତା ଉପରେ ଦୀର୍ଘ ସମୟ ଧରି ପଡିରହିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ଖବରପାଇ ନାଚୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ସମସ୍ୟା ଦୂର କରିବା ସହ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

### ଦୁର୍ଘଟଣା: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ନିରାକାରପୁର,୧୮।୭(ଡି.ଏନ୍.ଏ.): ଜଙ୍କିଆ ଥାନା ଅଧୀନ ଗୋଳବାଇ ଛକରେ ରବିବାର ସାଇଡମରାକୁ ନେଇ ଏକ କାର ଜଙ୍ଗଲରେ ପଶିଯାଇଥିଲା। ଫଳରେ କାରରେ ଥିବା ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନା ମୁତାବକ, ଖୋର୍ଦ୍ଧା ପଟୁ ଟାଙ୍ଗୀ ଅଭିମୁଖେ ଏକ କାର ଯାଉଥିବା ବେଳେ ଏକ ଟ୍ରକ୍ ଉକ୍ତ କାରକୁ ସାଇଡ୍ ମାରିଥିଲା। ଫଳରେ କାରଟି ଭାରସାମ୍ୟ ହରାଇ ସାଇଟରେ ଥିବା ଏକ ଜଙ୍ଗଲରେ ପଶି ଯାଇଥିଲା। ଫଳରେ ଚାଳକଙ୍କ ସମେତ ଯାତ୍ରୀମାନେ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏନେଇ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି, କାର ଚାଳକଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୧୫୩/୨୧)ରୁଜୁ ହୋଇଛି। ଟ୍ରକ୍ ଜବତ କରାଯାଇଛି ବୋଲି ସେ କହିଛନ୍ତି।

### ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ପୋଲିସ ହଟହଟା

ପୁରୁଣା ଭୁବନେଶ୍ୱର,୧୮।୭(ଡି.ଏନ୍.ଏ.): ଏକ ଜମି ଠକେଇ ମାମଲାରେ ଧଉଳି ଥାନା ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ହଟହଟା ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ପ୍ରବୀର ଦାସ ନାମକ ଜଣେ ବ୍ୟକ୍ତି ଲକ୍ଷ୍ମୀସାଗର ଅଞ୍ଚଳର ବିଶ୍ୱଜିତ୍ ପାତ୍ରଙ୍କୁ ଘର ବିକ୍ରି କରିବା ପାଇଁ ଚୁକ୍ତି କରି ୧୩ଲକ୍ଷ ଟଙ୍କା ନେଇ ଅନ୍ୟଜଣଙ୍କୁ ବିକ୍ରି କରିଦେଇଥିଲେ। ଏନେଇ ବିଶ୍ୱଜିତ୍ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇ ୫୯୫/୨୧ରେ ଏକ ମାମଲା କରିଥିଲେ। ଏହି ମାମଲାରେ ରବିବାର ପୋଲିସ ପ୍ରବୀରଙ୍କ ନୂଆଗାଁସ୍ଥିତ ବାସଭବନରେ ଚଢ଼ାଉ କରିଥିଲା। ତେବେ ପୋଲିସକୁ ଦେଖି ପ୍ରବୀର ଘର ଭିତରୁ ତାଲା ପକାଇଦେଇଥିଲେ। ଶେଷରେ ପୋଲିସ ନିରାଶରେ ଫେରିଆସିଥିଲା। ଏ ନେଇ ଥାନା ଅଧିକାରୀ ଦୟାନିଧି ଦାସ କହିଛନ୍ତି ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଜାରି ରହିଛି ବୋଲି ସେ କହିଛନ୍ତି।



ଗାଁ ସ୍ୱଚ୍ଛତା ଅଭିଯାନରେ ରବିବାର ସାମିଲ ହୋଇଥିବା ଜଟଣୀ ବ୍ଲକ ବେଣାପଞ୍ଜରୀ ଆମ ଗାଁ ବିକାଶ ଫାଉଣ୍ଡେଶନର କର୍ମକର୍ତ୍ତା।

### ଗାଁ ସ୍ୱଚ୍ଛତା ଅଭିଯାନ

ଜଟଣୀ,୧୮।୭(ଡି.ଏନ୍.ଏ.)

ଜଟଣୀ ବ୍ଲକ ବେଣାପଞ୍ଜରୀ ଗ୍ରାମର ବିଭିନ୍ନ ୱାର୍ଡର ସାହିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ ଗାଁ ବିକାଶ ଫାଉଣ୍ଡେଶନର ଆଡଭାଇଜର ଇନଶାନ ଅଲ୍ଲୀ ଖାଁଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଭିଯାନରେ ବଡି ମସଜିଦ ଏବଂ ୭, ୫ ଓ ୨ନଂ. ୱାର୍ଡର ବିଭିନ୍ନ ସାହିରେ ଅଳିଆ ଆବର୍ଜନା ସାଫ କରିବା ସହିତ କୂଅ, ନଳାନର୍ଦ୍ଦମାରେ ବ୍ଲିଚିଂ ପାଉଡର ପକାଯିବା ସହ ସାନିଟାଇଜର କରାଯାଇଥିଲା। ସଭାପତି ଏସ.କେ.ଇଜାଜ ଇକ୍ବାଲ, ସଧାରଣ ସମ୍ପାଦକ ମହମଦ ସାହଜାନ, ସାହ ଜାଫର ଅଲ୍ଲୀ, ନୁର୍ ମହମ୍ମଦ, ମହମ୍ମଦ ଏହସାନ, ଏସ.କେ.ଅବଦୁଲ ମୋରାଦ, ଏମ.ଡି.ନୁସରତ, ସାହ ସଫାକାତ ଅଲ୍ଲୀ, ସମିମ ଖାଁ, ସାହ ଇଶାକ ଅଲ୍ଲୀ, ମହମ୍ମଦ ମେହେବୁବଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପୀଠ ଖୋଲାଯିବାକୁ ଚାହିଁ ବସିଛନ୍ତି ଉଠାଦୋକାନୀ

ଖୋର୍ଦ୍ଧା ଅଫିସ,୧୮।୭

**ବରୁଣେଇ, ଉଗ୍ରତାରା ପୀଠ ଖାଁ ଖାଁ**

ଖୋର୍ଦ୍ଧା ଜିଲାର ଦୁଇ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ବରୁଣେଇ ଏବଂ ମା' ଉଗ୍ରତାରାଙ୍କ ପୀଠରେ ବର୍ଷସାରା ଭକ୍ତ ଓ ପର୍ଯ୍ୟଟକଙ୍କ ଗହଳି ଲାଗିଥାଏ। ପୀଠର ପ୍ରାକୃତିକ ପରିବେଶ ଏଠାକୁ ସମସ୍ତଙ୍କୁ ଟାଣି ଆଣେ। ତେବେ କରୋନା କଟକଣା ଲାଗି ଏହି ଦୁଇ ପୀଠ ଏବେ ଖାଁ ଖାଁ। ଭକ୍ତଙ୍କୁ ପୀଠ ମନା ଥିବାବେଳେ କେବଳ ସେବାୟତ ମାନଙ୍କ ଦ୍ୱାରା ନୀତିକାନ୍ତି ଚାଲିଛି।

ଅନ୍ୟପଟେ ବରୁଣେଇ ଓ ଉଗ୍ରତାରା ପୀଠରେ ବରକୋଳି, ଦହିବରା, ଗୁପ୍‌ଚୁପ, ଆଇସକ୍ରିମ୍ ଆଦି ବେପାର କରି ଦୁଇ ପଇସା ରୋଜଗାର କରୁଥିବା ବହୁ ଉଠାଦୋକାନୀ ହାତବାନ୍ଧି ବସିଛନ୍ତି। ଫଳରେ ପରିବାର ପ୍ରତିପୋଷଣ ନେଇ ହଇରାଣ ହେଉଛନ୍ତି। ୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧାଠାରୁ ଅନତି ଦୂରରେ ବରୁଣେଇ ପୀଠ ଅବସ୍ଥିତ। ଔଷଧୀୟ ଗୁଳ୍ମ ଲତାରେ ଏହି ଅଞ୍ଚଳ ପରିପୂର୍ଣ୍ଣ। ବରୁଣେଇ ପାହାଡ଼ ଦେଖିବାକୁ ଏକ ହସ୍ତୀ ସଦୃଶ। ପାହାଡ଼ ଆଭ୍ୟନ୍ତରଣରୁ ଝରଣା ବହିଯାଉଛି। ଏହି ଝରଣାକୁ ସ୍ୱର୍ଣ୍ଣ ଗଙ୍ଗା କୁହାଯାଏ । ଠାକୁରାଣୀ ପୂଜା ପାଉଥିବା ସିଂହାସନ ତଳେ ଏକ କୁଣ୍ଡ ଦେଇ ଝରଣା ଜଳ ପ୍ରବାହିତ ହୋଇଥାଏ। ଏହି କୁଣ୍ଡର ଜଳକୁ ଭକ୍ତମାନେ ପାଦୁକା ରୂପେ ପାଇଥାନ୍ତି। ଠାକୁରାଣୀଙ୍କ ନିକଟରେ ପଣସ ପତ୍ର ଠୋଲାରେ ଅରୁଆ ଚାଉଳରେ ପ୍ରସ୍ତୁତ ଖିରି, ନଡ଼ିଆ ଓ ଗୁଡ଼ରେ ତିଆରି ପୁର ଦିଆ ଏଣ୍ଡୁରି ପିଠା ଭୋଗ ଲାଗେ। ଏଠାକୁ ଆସୁଥିବା ଭକ୍ତ ଏହି ଖିରି ଓ ଏଣ୍ଡୁରି ପିଠା ଖାଇବାକୁ ଭୁଲି ନ ଥାନ୍ତି।

### ପିଇଓଙ୍କୁ ଗାଳିଗୁଲଜ, ଜଣେ ଗିରଫ

ନିରାକାରପୁର,୧୮।୭(ଡି.ଏନ୍.ଏ.)

ଅଚ୍ୟୁତପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ଜଙ୍କିଆ ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଜଙ୍କିଆ ଥାନା ଅଧୀନ ଅଚ୍ୟୁତପୁର ଗ୍ରାମର ଭାଗୀରଥି ମହାପାତ୍ର(୪୮)। ଅଭିଯୋଗ ମୁତାବକ, ଅଚ୍ୟୁତପୁର ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନାକୁ କେନ୍ଦ୍ରକରି ଭାଗୀରଥି ଓ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଭାଗୀରଥି ନିର୍ବାହୀ ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ମୋବାଇଲ ଫୋନକୁ ଛଡ଼ାଇ ନେଇଥିଲେ। ଏନେଇ ନିର୍ବାହୀ ଅଧିକାରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୫୨/୨୧) ରୁଜୁକରି ଭାଗୀରଥିଙ୍କୁ ଗିରଫ କରିଥିଲା।

## ବସ୍ କର୍ମଚାରୀଙ୍କ ପାଇଁ ସରକାର ଅର୍ଥ ବ୍ୟବସ୍ଥା କରନ୍ତୁ

କଟକ ଅଫିସ, ୧୮।୭

କରୋନା ଯୋଗୁ ରାଜ୍ୟରେ ବନ୍ଦ ରହିଥିବା ବସ୍‌ଗୁଡିକ ସୋମବାରରୁ ଚଳାଚଳ କରିବ। ଘରୋଇ ବସ୍ ମାଲିକ ସଂଘ ରଖିଥିବା ଦାବିକୁ ସରକାର ବିଚାର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବିଗତ ଦିନରେ ବସ୍ ଚଳାଚଳ ନ କରିବା ଦ୍ୱାରା ୪୫ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି, ସେଥିପାଇଁ ସରକାର କୌଣସି ବ୍ୟବସ୍ଥା କଲେନାହିଁ। ଏପରି କି ଘରୋଇ ବସ୍ ମାଲିକ ସଂଘ ମଧ୍ୟ କର୍ମଚାରୀଙ୍କର ସମସ୍ୟା ସରକାରଙ୍କ ନିକଟରେ ଉପସ୍ଥାପନ କଲେନାହିଁ। ୩ ହଜାର କର୍ମଚାରୀଙ୍କର ମଧ୍ୟ କୌଣସି ବ୍ୟବସ୍ଥା ହୋଇପାରିଲାନାହିଁ କଟକ ମୋଟର କର୍ମଚାରୀ ୟୁନିୟନର ସାଧାରଣ ସମ୍ପାଦକ ଶିଶିର ଲେଙ୍କା କହିଛନ୍ତି। ଅନ୍ୟପକ୍ଷେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ଘରୋଇ ବସ୍ ଦିଲ୍ଲୀ ସରକାରଙ୍କ ପରି ଓଡ଼ିଶା ସରକାର ସେମାନଙ୍କର ପାଇଁ ଆର୍ଥିକଓଖାଦ୍ୟମାଧ୍ୟମରେବ୍ୟବସ୍ଥାକରାନ୍ତୁ।


ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ସନ୍ତୋଷ ଜେନା ରବିବାର ଖାଦ୍ୟ ବିତରଣ କରୁଛନ୍ତି।

### ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ

ବାଲିପାଟଣା, ୧୮।୭ (ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ପ୍ରଶାସନ ପକ୍ଷରୁ ରବିବାର ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ସୋମଣ ଓ ଅଠାନ୍ତର ପଞ୍ଚାୟତର ୨ଜଣଙ୍କୁ ବ୍ଲକ କାର୍ଯ୍ୟାଳୟରେ ଟ୍ରାଇସାଇକେଲ ପ୍ରଦାନ କରିଥିଲେ। ଚିହ୍ନଟ ଅନ୍ୟ ଦିବ୍ୟାଙ୍ଗଙ୍କୁ ପର୍ଯ୍ୟାୟକ୍ରମେ ପ୍ରଦାନ କରାଯିବ ବୋଲି ସମାଜ ମଙ୍ଗଳ ଅଧିକାରୀ ପଦ୍ମନାଭ ଭୋଳ କହିଛନ୍ତି।

## ରାତି ଅଧରେ ଜେସିବି ଲଗାଇ ସ୍କୁଲ ଭାଙ୍ଗିଲେ

ଭୁବନେଶ୍ୱର,୧୮।୭(ବ୍ୟୁରୋ)

ଲକ୍ଷ୍ମୀସାଗର ଥାନାଞ୍ଚଳରେ ଥିବା ଏକ ଘରୋଇ ସ୍କୁଲକୁ ଜେସିବି ଲଗାଇ ଭାଙ୍ଗି ଦିଆଯାଇଛି। ସ୍କୁଲଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ କମ୍ପ୍ୟୁଟର, ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ସମେତ ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଛି। ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାବେଳେ ରବିବାର ସ୍କୁଲର ସମ୍ପାଦିକା ଲକ୍ଷ୍ମୀ ପାଣିଗ୍ରାହୀ ଜମି ମାଲିକଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ସ୍କୁଲରେ ଥିବା ୨ଲକ୍ଷ ଟଙ୍କା ଚୋରି ହୋଇଥିବା ଲକ୍ଷ୍ମୀ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ଆଇପିସି ଦଫା ୨୯୪, ୪୨୭, ୪୫୭, ୩୮୦, ୫୦୬ ଓ ୩୪ରେ ଏକ ମାମଲା (ନଂ.୨୨୮/୨୧) ରୁଜୁ କରି ତଦନ୍ତ ଚଳାଇଛି। ଲକ୍ଷ୍ମୀଙ୍କ ଅଭିଯୋଗ ଅନୁଯାୟୀ, ୨୦୦୪ରେ ତାଙ୍କ ସ୍ୱାମୀ ଚିନ୍ତାମଣିଶ୍ୱରରେ ଦୁଇଟି ଘରକୁ ଭଡାରେ ନେଇ ଏକ ଘରୋଇ ସ୍କୁଲ କରିଥିଲେ। ପରବର୍ତ୍ତୀ ସମୟରେ ସେଠାରେ ଆଉ ୭ଟି ଘର ତିଆରି କରିଥିଲେ। ତେବେ ୨୦୧୦ରେ ତାଙ୍କ ସ୍ୱାମୀ ଉକ୍ତ ଜମିକୁ କ୍ରୟ କରିବାକୁ ମାଲିକଙ୍କୁ ୧୫ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଦୁର୍ଭାଗ୍ୟବଶତଃ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଉକ୍ତ ଟଙ୍କାକୁ ଜମି ମାଲିକ ଆଉ ଫେରସ୍ତ କରି ନ ଥିଲେ। ଏଥିସହ ଘର ଭଡା ବାବଦକୁ ଟଙ୍କା ନେଉଥିଲେ। ଜୁନ ୨୪ରେ ଘର ମାଲିକ ଘର କରିବାକୁ କହି ଜାଗା ଛାଡିବାକୁ କହିଥିଲେ। ଫଳରେ ଲକ୍ଷ୍ମୀ ଘର ଛାଡିବା ପାଇଁ କିଛିଦିନ ସମୟ ମାଗିଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ଶନିବାର ରାତି ପ୍ରାୟ ଗୋଟାଏରେ ୫୦ରୁ ଊର୍ଦ୍ଧ୍ୱ ଲୋକ ପହଞ୍ଚି ଜେସିବି ଲଗାଇ ସ୍କୁଲ ଭାଙ୍ଗି ଦେଇଥିଲେ।


ଜେସିବି ଦ୍ୱାରା ଭଙ୍ଗା ଯାଇଥିବା ସ୍କୁଲ ଘର।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସେହେନ୍ସା


@ ସ୍ୱରୂପ


@ ଶଙ୍କର


@ ରଞ୍ଜନ


@ ବାପୁ


@ ସୁରେଶ


@ ଶ୍ରୀକ୍ଷେତ୍ର

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୦୭।୨୦୨୧
୫୮୮ ଟଙ୍କା

# ଗ୍ରାମାଞ୍ଚଳରେ ସାଇବର ଠକଙ୍କ ପ୍ରାଦୁର୍ଭାବ

- ବ୍ୟାଙ୍କ, ସେନା କର୍ମଚାରୀ କହି ଲକ୍ଷାଧିକ ଟଙ୍କା ଠକେଇ
- ଅଭିଯୁକ୍ତଙ୍କ ଲିଙ୍କ୍ ଖୋଜୁଛି ପୋଲିସ



ସାକ୍ଷୀଗୋପାଳ,୧୮।୭(ଡି.ଏନ୍.ଏ.): ସହର ପରେ ଏବେ ଗ୍ରାମାଞ୍ଚଳରେ ସାଇବର ଠକଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ବ୍ୟାଙ୍କ, ବ୍ଲକ, ତହସିଲ ଓ ସେନା କର୍ମଚାରୀ ପରିଚୟ ଦେଇ ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବା ପରେ ବିଭିନ୍ନ ଉପାୟରେ ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଉଛନ୍ତି। ପୁରୀ ଜିଲା ସତ୍ୟବାଦୀ ଥାନାରେ ଏଭଳି ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

ସୂଚନାଥାଉ କି, ସେନା କର୍ମଚାରୀ ପରିଚୟ ଦେଇ ଜଣେ ବ୍ୟକ୍ତି ସାକ୍ଷୀଗୋପାଳ ବଜାରର ଏକ ଜନସେବା କେନ୍ଦ୍ରର ଅପରେଟରଙ୍କଠାରୁ ୧.୮୦ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଅଭିଯୁକ୍ତ ପ୍ରଭାସ ସେଠୀ ଜେଲରେ ରହିଛନ୍ତି। ତେବେ ଅଭିଯୁକ୍ତଙ୍କ ପ୍ରକୃତ ପରିଚୟ ମିଳିନାହିଁ। ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ କରଞ୍ଜପଡା ଗ୍ରାମର ଜୟନ୍ତ ସେଠୀଙ୍କ ପୁଅ ବୋଲି ପ୍ରଭାସ କହୁଥିବାରୁ ପ୍ରକୃତ ପରିଚୟ ନେଇ ପୋଲିସ ସମ୍ପୃକ୍ତ ଜିଲା ଅଧିକାରୀଙ୍କୁ ତଥ୍ୟ ମାଗିଥିବା ଜଣାପଡିଛି। ପ୍ରଭାସଙ୍କ ସାକ୍ଷୀଗୋପାଳ କାନାଡା ବ୍ୟାଙ୍କ ଆକାଉଣ୍ଟକୁ ଯାଞ୍ଚ ପରିସରକୁ ଅଣାଯାଇଛି। ସେହିପରି ସୂର୍ଯ୍ୟୋଦୟ ବ୍ୟାଙ୍କରେ ରହିଥିବା ଅନ୍ୟ ଏକ ଆକାଉଣ୍ଟର ତଥ୍ୟ ମଗାଯାଇଛି। ପ୍ରଭାସ ଭଡା ନେଇଥିବା ଘର ମାଲିକ ପୁଷ୍ପଲତା ମେକାପଙ୍କୁ ଘରଭଡା ବାବଦରେ ୧୧ ହଜାର ଟଙ୍କା, ଚାକିରି କରାଇଦେବାକୁ ଆଶୁତୋଷ ବେହେରାଙ୍କ ଠାରୁ ୫ ହଜାର ଓ ସୁଶାନ୍ତ ମିଶ୍ର ନାମକ ଜଣେ ବ୍ୟକ୍ତିଙ୍କୁ ୪୮୦୦ ଟଙ୍କାର ବ୍ୟାଙ୍କ ଚେକ୍ ଦେଇ ଠକେଇ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଜାରି ରଖିଛି। ସେହିପରି ସୁଆଣ୍ଡୋ ଗ୍ରାମର ବନମାଳୀ ଭୋଇ ଓ କଳ୍ପନା ଭୋଇ ଠକେଇର ଶିକାର ହୋଇଛନ୍ତି। ଗତ ୬ତାରିଖରେ ଦୁଇ ଜଣ ଯୁବକ ସୁଆଣ୍ଡୋ ଗ୍ରାମକୁ ଯାଇଥିଲେ। ଲୋକଙ୍କ ଅସୁବିଧା ସମ୍ପର୍କରେ ବୁଝିବା ପରେ ବନମାଳୀଙ୍କ ଜବକାର୍ଡରେ ଟଙ୍କା ଆସୁଛି କି ନାହିଁ ପଚାରିଥିଲେ। ଆଧାରକାର୍ଡ ବ୍ୟାଙ୍କ ଆକାଉଣ୍ଟକୁ ଲିଙ୍କ୍ କରିବା ପରେ ପ୍ରଧାନମନ୍ତ୍ରୀ ଆବାସ, ଜବକାର୍ଡ ମଜୁରି ସରକାରୀ ଅନୁଦାନ ମିଳିବ ବୋଲି କହିଥିଲେ। ପରେ ଯୁବକମାନେ ଆଣିଥିବା ମେଶିନରେ ବନମାଳୀଙ୍କ ଫିଙ୍ଗରପ୍ରିଣ୍ଟ ନେଇଥିଲେ। କିଛି ଦିନ ପରେ ବନମାଳୀ ବ୍ୟାଙ୍କରେ ବାଲାନ୍ସ ଚେକ୍ କରିବା ବେଳେ ତାଙ୍କ ଆକାଉଣ୍ଟରୁ ୯ ଥରରେ ୯୦ହଜାର ଟଙ୍କା ଉଠାଯାଇଥିବା ଜାଣିବାକୁ ପାଇଥିଲେ। ସେହିପରି ଉକ୍ତ ଗ୍ରାମର କଳ୍ପନା ଭୋଇଙ୍କ ଆକାଉଣ୍ଟରୁ ୮ହଜାର ଟଙ୍କା ଉଠାଣ ହୋଇଥିବାରୁ ସେ ମଧ୍ୟ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।



ପୁରୀର ବିଶ୍ୱରୂପା ପଟ୍ଟନାୟକଙ୍କ ଦ୍ୱାରା କପଡା ଓ କାଗଜରେ ପ୍ରସ୍ତୁତ ମହାପ୍ରଭୁଙ୍କ ସୁନାବେଶ ।

## ସଂକ୍ଷେପରେ

### ଘର ଭାଙ୍ଗିଲେ, ନିଆଁହୁଳା ଫିଙ୍ଗିଲେ

ସାକ୍ଷୀଗୋପାଳ,୧୮।୭(ଡି.ଏନ୍.ଏ.): ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ବଡ଼ଭୀମଦାସପୁର ଗ୍ରାମର ସୁବାସ ଚନ୍ଦ୍ର ବରାଳ ଓ ମାନଗୋବିନ୍ଦ ବରାଳଙ୍କ ମଧ୍ୟରେ ଲାଗିଥିବା ସୀମା ବିବାଦ ରବିବାର ଉଗ୍ରରୂପ ଧାରଣ କରିଛି। ଅପରାହ୍ନରେ ସୁବାସଙ୍କ ଘର ଆଜବେଷ୍ଟସ ମାନଗୋବିନ୍ଦଙ୍କ ସମେତ କେତେଜଣ ମହିଳା ଆଜବେଷ୍ଟସ ଛପର ଭାଙ୍ଗିବା ସହ ଘର ଭିତରକୁ ନିଆଁହୁଳା ଫିଙ୍ଗିଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉଭୟପକ୍ଷଙ୍କୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଶରତ ଥାନାରେ ଅଭିଯୋଗ କରିବା ସହ ବିବାଦକୁ ନେଇ ମାମଲା ଅଦାଲତର ବିଚାରାଧୀନ ରହିଛି। ସ୍ଥାୟୀ ରହିତାଦେଶକୁ ଅମାନ୍ୟ କରି ସେମାନେ ଘରତୋଳିବା, ଆଜବେଷ୍ଟସ ଭାଙ୍ଗି ଦେଇଥିବା କହିଛନ୍ତି। ଅନ୍ୟପଟେ ଘରକାନ୍ଥ ନିର୍ମାଣକୁ ସୁବାଷଙ୍କ ପରିବାର ବିରୋଧ କରିବାରୁ ବିବାଦ ଉପୁଜିଛି ବୋଲି ମାନଗୋବିନ୍ଦ ଅଭିଯୋଗ କରିଛନ୍ତି।

### ପୂର୍ବତନ ସରପଞ୍ଚ ଦିବାକର ଜେନାଙ୍କୁ ଶ୍ରଦ୍ଧାଞ୍ଜଳି

କୋଣାର୍କ,୧୮।୭(ଡି.ଏନ୍.ଏ.): କୋଣାର୍କ ଥାନା ଅଧୀନ କାଦୁଆନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିବାକର ଜେନାଙ୍କ ଏକାଦଶାହ ଅବସରରେ ରବିବାର ଧନୀତ୍ରି ବାସଭବନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଗନ୍ଧର୍ବ ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କାକଟପୁର ବ୍ଲକ ଅଞ୍ଚଳର ଶିକ୍ଷାବିତ୍ ଲକ୍ଷ୍ମୀଧର ଖୁଣ୍ଟିଆ, ଜ୍ଞାନରଞ୍ଜନ ସାହୁ, ଭାସ୍କର ସେଠ, ପ୍ରସନ୍ନ ଖୁଣ୍ଟିଆ, ବିଚିତ୍ରା ନନ୍ଦ ଦାସ, ମନୋରଞ୍ଜନ ପରିଡା, ପ୍ରାଣକୃଷ୍ଣ ମଲ୍ଲିକ, ଧନେଶର ସାଇଁ, ବିଶ୍ୱଜିତ ସ୍ୱାଇଁ, ଭରତ ଚନ୍ଦ୍ର ପାଢ଼ୀ, ସୁକାନ୍ତ ନାୟକ, ବିପିନ ବିହାରୀ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ନେତା ଓ ଲୋକପ୍ରତିନିଧି ଯୋଗଦେଇଥିଲେ। ସ୍ୱର୍ଗତ ଦିବାକର ପରୋପକାରୀ, ନିଃସ୍ୱାର୍ଥପର ଜନସେବା, ବହୁମୁଖୀ ପ୍ରତିଭାଧାରୀ ଥିଲେ ବୋଲି ମତପ୍ରକାଶ ପାଇଥିଲା। ବରିଷ୍ଠ ନାଗରିକ ବ୍ରହ୍ମାନନ୍ଦ ବେହୁରା, କୃଷ୍ଣ ଚନ୍ଦ୍ର ଜେନା, ସୁରେନ୍ଦ୍ର ବେହୁରା, ଲକ୍ଷ୍ମୀଧର ସ୍ୱାଇଁ, ଘନଶ୍ୟାମ ଜେନା, ପବିତ୍ର ପ୍ରମୁଖ କାର୍ଯ୍ୟକ୍ରମ ପଚରିଚଳନା କରିଥିଲେ।

### ମଦ ଜବତ, ୪ ଗିରଫ

କାକଟପୁର/ନିମାପଡା,୧୮।୭(ଡି.ଏନ୍.ଏ.): ପୁରୀ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ପୁରୀ ମୋବାଇଲ ଟିମର ଅବକାରୀ ଉପନିରୀକ୍ଷକ ଲକ୍ଷ୍ମୀଧର ପ୍ରଧାନ ସଦଳବଳେ କାକଟପୁର ଥାନା ଅଧୀନ ତୁଳମାଳା ଗ୍ରାମରେ ରବିବାର ଚଢ଼ାଉ କରି ଜଣେ ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ଦୀପକ ସାହୁ(୪୪)। ତାଙ୍କ ଠାରୁ ୨୫.୯୨୦ ଲିଟର ବିଦେଶୀ ମଦ ଜବତ କରିଛି। ସେହିପରି ପୋଲିସ ଫକୀରସାହି ଗ୍ରାମର ପ୍ରଫୁଲ୍ଲ ସାହୁ(୫୦)ଙ୍କୁ ଗିରଫ କରିଛି। ତାଙ୍କ ଠାରୁ ୩୧.୨୦୦ ଲିଟର ବିଅର ଜବତ ହୋଇଛି। ଏନେଇ ଉଭୟଙ୍କ ନାମରେ ଦୁଇଟି ମାମଲା (ନଂ.୭୨, ୭୩/୨୧)ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ସେହିପରି ନିମାପଡା ଅବକାରୀ ବିଭାଗ ଓ ପୁରୀ ଅବକାରୀ ମୋବାଇଲ ସ୍କ୍ୱାଡ୍ ରବିବାର ସଲଙ୍ଗ, ବାସନାଳ, ଭୁତୁପଦା, ବରିମୁଣ୍ଡେଇ, ବଳଙ୍ଗା ଅଞ୍ଚଳରେ ଚଢ଼ାଉ କରି ଦୁଇ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ବଳଙ୍ଗା ଥାନା ଅଧୀନ ବଳଙ୍ଗା ଦେଉଳିସାହିର ଧଳେନ୍ଦ୍ର ଖଟୁଆ ଓ ବରିମୁଣ୍ଡେଇ ମଝିସାହି ଗ୍ରାମର ପ୍ରମୋଦ ନାୟକ। ଏମାନଙ୍କ ଠାରୁ ୬୭ ବୋତଲ ବିଦେଶୀମଦ ଜବତ କରାଯାଇଛି। ଜବତ ମଦର ଆନୁମାନିକ ମୂଲ୍ୟ ୧୫ହଜାର ଟଙ୍କା ହେବ ବୋଲି ଅବକାରୀ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏନେଇ ନିମାପଡା ଅବକାରୀ ବିଭାଗ ପକ୍ଷରୁ ଦୁଇଟି ମାମଲା ନଂ. ୨୪/୨୧ ଓ ୨୫/୨୧ ରୁଜୁ କରାଯାଇଛି। ଜିଲା ଅବକାରୀ ଏସ୍‌ପି ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଅବକାରୀ ବିଭାଗର ଇନ୍ସପେକ୍ଟର ମାନସୀ ପ୍ରଧାନ, ନିମାପଡା ଅବକାରୀ ସବ ଇନ୍ସପେକ୍ଟର ମମତା ଦାସ, ଏସଆଇ ବିନୋଦ ବାସ୍କେ, ଏଏସଆଇ ସନ୍ତୋଷ ନାୟକ, ଜିତେନ୍ଦ୍ର ବେହେରା, ସବିତା ନାୟକ ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ।



ନାକଚଣା ଦ୍ୱାର ସମ୍ମୁଖରେ ତିନିରଥ ରହିଥିବା ବେଳେ ବ୍ୟାରିକେଡ୍ ବାହାରେ ଶ୍ରଦ୍ଧାଳୁ ସେଲ୍‌ଫି ନେଉଛନ୍ତି ।

## ରଥଯାତ୍ରା କଟକଣା ଉଲ୍ଲଂଘନ ଅଭିଯୋଗ: ଆଉ ୫ ଜଣଙ୍କୁ ନୋଟିସ

ପୁରୀ ଅଫିସ,୧୮।୭: ଚଳିତବର୍ଷ ରଥଯାତ୍ରା ଗାଇଡ୍‌ଲାଇନ ଓ କର୍ଫ୍ୟୁ କଟକଣା ଉଲ୍ଲଂଘନ କରିବା ଅଭିଯୋଗରେ ଆଉ ୫ଜଣଙ୍କ ବିରୋଧରେ ପୋଲିସ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଛି। ରବିବାର ଏହି ନୋଟିସ ଜାରି ସହ ପୋଲିସ ପକ୍ଷରୁ ୫ ଜଣ ଉଲ୍ଲଂଘନକାରୀଙ୍କ ନାମ ପ୍ରକାଶ କରାଯାଇଛି। ସେମାନେ ହେଲେ କଟକ ଜିଲାର ବାଦଲ ଲେଙ୍କା, ପୁରୀର ଶୁଭାଶିଷ ସମର୍ଥା, ମନୋଜ ତ୍ରିପାଠୀ, ବିଜୟ କୁମାର ମାଝି ଏବଂ ଶିଶିର ପାଢ଼ୀ। ସେହିପରି ଏ ପର୍ଯ୍ୟନ୍ତ ପୋଲିସ ପକ୍ଷରୁ ୨୫ ଜଣ ଉଲ୍ଲଂଘନକାରୀଙ୍କ ନାମ ପ୍ରକାଶ କରାଯିବା ସହ ନୋଟିସ ଦିଆଯାଇଛି। ଏମାନଙ୍କ ମଧ୍ୟରୁ ୫ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

## ମହାପ୍ରଭୁଙ୍କ ପାଇଁ ତିଆରି ଚାଲିଛି ପୋଡ଼ପିଠା

ପୁରୀ ଅଫିସ, ୧୮।୭: ଭୋଜନ ପ୍ରିୟ ମହାପ୍ରଭୁ ଶ୍ରୀଜଗନ୍ନାଥ। ସେଥିପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରତିଦିନ ୬୦ ପଉଟି ଭୋଗ ଓ ୫୬ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ପ୍ରତିଦିନ ତାଙ୍କ ପାଖରେ ପିଠା ଭୋଗ କରାଯାଏ। ଅନନ୍ୟ ଓ ପ୍ରମୁଖ ପରମ୍ପରା ହେଉଛି ବାହୁଡ଼ାରେ ଦାରୁବିଗ୍ରହମାନଙ୍କୁ ପୋଡପିଠା ଭୋଗ ମଣୋହି କରାଯାଏ। ଲୋକଶ୍ରୁତି ଅନୁଯାୟୀ, ମା’ ଅର୍ଦ୍ଧଶୋଷିନୀ ମହାପ୍ରଭୁଙ୍କ ମାଉସୀ ଭାବେ ପରିଚିତ। ପରମ୍ପରା ଅନୁଯାୟୀ, ଶ୍ରୀଗୁଣ୍ଡିଚା ମନ୍ଦିରରୁ ଫେରିବା ବେଳେ ବାହୁଡ଼ା ଯାତ୍ରାରେ ରଥାରୂଢ଼ ଶ୍ରୀବିଗ୍ରହଙ୍କୁ ମାଉସୀମା’ ମନ୍ଦିର ସମ୍ମୁଖରେ ପୋଡପିଠା ଭୋଗ ଅର୍ପଣ କରାଯାଇଥାଏ। ମା’ଙ୍କ ମୁଖ୍ୟ ପୂଜକ ବିଶ୍ୱନାଥ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଡ଼ପିଠା ପ୍ରସ୍ତୁତ କରାଯାଉଛି। ହେରା ପଞ୍ଚମୀ ତିଥିରୁ ପିଠା ପ୍ରସ୍ତୁତି ଆରମ୍ଭ ହୋଇଥାଏ। ପୋଡା ନ ଯାଇ ପାଣିର ବାଷ୍ପରେ ପୋଡ଼ପିଠା ପ୍ରସ୍ତୁତ କରାଯାଏ। ଶୁଦ୍ଧ ଘିଅ, ଅଟା, ଅଳେଇଚ, ଗୁଜୁରାତି, ପେସ୍ତାବାଦାମ ପ୍ରଭୃତି ପକାଯାଏ। ପୋଡ଼ପିଠା ପ୍ରସ୍ତୁତ ପରେ ଥଣ୍ଡା କରାଯାଏ। ଏହାପରେ ତାକୁ ଛୋଟ ଖଣ୍ଡ ଖଣ୍ଡ କଟାଯାଏ। ସେଗୁଡିକୁ ମାଟି କୁଡ଼ିଆରେ ରଖାଯାଏ। ବାହୁଡ଼ା ଦିନ ମାଉସୀମା’ ମନ୍ଦିର ନିକଟରେ ରଥ ପହଞ୍ଚିବା ପରେ ଦାରୁଦିଅଁଙ୍କ ଉଦ୍ଦେଶ୍ୟରେ ଭୋଗ ଲଗାଯାଏ।



# ଘଣ୍ଟା, ଓଜନ ମେଶିନ କିଣାରେ ଅର୍ଥ ହରିଲୁଟ୍

କଣାସ, ୧୮।୭(ସ୍ୱ.ପ୍ର.): କଣାସ ବ୍ଲକର ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ଯୋଜନାରେ ଉପକରଣ କିଣାରେ ଅର୍ଥ ହରିଲୁଟ ନେଇ ଅଭିଯୋଗ ହୋଇଛି। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି କରାଯାଇଛି। ଅଭିଯୋଗ ଅନୁଯାୟୀ, ଘଣ୍ଟା ଏବଂ ପିଲାଙ୍କ ଓଜନ ମାପ ନିମନ୍ତେ ପ୍ରତ୍ୟେକ ବିଦ୍ୟାଳୟକୁ ୮ହଜାର ଟଙ୍କା ଲେଖାଏ ମଞ୍ଜୁର ହୋଇଥିଲା। ପ୍ରଧାନ ଶିକ୍ଷକ ନିଜ ମନ ମୁତାବକ ଘଣ୍ଟା ଏବଂ ଓଜନ ଯନ୍ତ୍ର କିଣିବାକୁ ନିର୍ଦ୍ଦେଶ ରହିଥିଲା। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଏସବୁ ସାମଗ୍ରୀ କିଣିବାକୁ କୁଆଡ଼େ ପ୍ରଧାନଶିକ୍ଷକମାନଙ୍କ ଉପରେ ଚାପ ପକାଯାଉଛି। ନଚେତ୍ ୟୁ.ସି ଜମା କରାଇ ଦିଆଯିବନାହିଁ ବୋଲି ଧମକ ଦିଆଯାଉଛି। ଫଳରେ ପ୍ରଧାନଶିକ୍ଷକମାନେ ବାଧ୍ୟହୋଇ ବଜାରରେ ମିଳୁଥିବା ୧୨୫୦ ଟଙ୍କାର ଘଣ୍ଟା ଓ ୭୫୦ ଟଙ୍କାର ଓଜନ ଯନ୍ତ୍ରକୁ ବିଇଓ କାର୍ଯ୍ୟାଳୟରୁ ୮ହଜାର ଟଙ୍କା ଦେଇ କିଣୁଥିବା ଅଭିଯୋଗ ହେଉଛି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟଙ୍କୁ ପଚାରିବାରେ ସେ ଅଭିଯୋଗକୁ ଖଣ୍ଡନ କରିବା ସହ ଏ ସଂକ୍ରାନ୍ତରେ କିଛି ଜାଣି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଜରିଆରେ ଏସବୁ ଉପକରଣ ଦିଆଯାଉଥିବାବେଳେ ବ୍ଲକ ଶିକ୍ଷାଧିକାରୀ କିପରି ଜାଣିନାହାନ୍ତି ତାହା ପ୍ରଶ୍ନବାଚୀ ହୋଇଛି। ଏଭଳି ଉପାୟରେ ଅର୍ଥ ହରିଲୁଟ୍ ଚାଲିଛି ଓ ଉପରୁ ତଳ ପର୍ଯ୍ୟନ୍ତ ଅଧିକାରୀ ଏଥିରେ ସମ୍ପୃକ୍ତ ଥିବା ଅନେକ ପ୍ରଧାନଶିକ୍ଷକ ନିଜ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସେମାନେ କହିଛନ୍ତି।

## ଗଛରୁ ପଡ଼ି କାଠ କଟାଳିଙ୍କ ମୃତ୍ୟୁ

ନିମାପଡ଼ା,୧୮।୭(ଡି.ଏନ୍.ଏ.): ଗଛରୁ ପଡ଼ି ରବିବାର ଜଣେ କାଠ କଟାଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ଘଣ୍ଟିପିରି ଗ୍ରାମର ସୁକୁନା ଭୋଇ(୪୦)। ସୂଚନା ମୁତାବକ, ଗୋପ ବ୍ଲକ ଅଧୀନ ନାଇଟ ଗ୍ରାମରେ ସୁକୁନା ଜଣେ ବ୍ୟକ୍ତିଙ୍କ ଚାକୁଣ୍ଡା ଗଛ ହାଣୁଥିବା ବେଳେ କୌଣସି କାରଣରୁ ତଳକୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ସାନଭାଇ ପ୍ରଫୁଲ୍ଲ ଭୋଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୧)ରୁଜୁକରି ତଦନ୍ତ ଚଳାଇଛି।

## ‘ଭୁଲ ମେଡିସିନ ଦେଇଛନ୍ତି ଡାକ୍ତର’

**ଅଭିଯୋଗ ଆଣିଲେ ରୋଗୀ**

ପୁରୀ ଅଫିସ, ୧୮।୭: ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ରୋଗୀଙ୍କୁ ଭୁଲ ମେଡିସିନ ଦିଆଯାଇଥିବା ଅଭିଯୋଗ ହୋଇଛି। ରବିବାର ପୁରୀ ଜିଲା ଚନ୍ଦନପୁର ଥାନା ଅନ୍ତର୍ଗତ ଦଣ୍ଡା ଗ୍ରାମର ମାନସ କୁମାର ପ୍ରଧାନ ଏହି ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁଯାୟୀ, ମାନସ ରବିବାର ପୁରୀରେ ନନ୍ଦ କାମ କରିବା ସମୟରେ ଝୁଣ୍ଟି ପଡ଼ିଯାଇଥିଲେ। ତାଙ୍କ ହାତ ଫୁଲିଯାଇ ଯନ୍ତ୍ରଣା ହୋଇଥିଲା। ସେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଆଉଟ ଡୋରରେ ଥିବା ଡାକ୍ତର ତାଙ୍କର ଚିକିତ୍ସା କରିଥିଲେ। ସେ ତାଙ୍କୁ କ୍ଷତ ଶୁଖିବା ମେଡିସିନ ଲଗାଇବାକୁ କହିଥିଲେ। ତେବେ ତାଙ୍କ ହାତ ମାଡ଼ ହୋଇ ଫୁଲିଥିବା ଓ କୌଣସି କ୍ଷତ ହୋଇ ନ ଥିବା ସେ ଡାକ୍ତରଙ୍କୁ କହିଥିଲେ। କିନ୍ତୁ ଡାକ୍ତର ମାନସଙ୍କ କଥା ଶୁଣି ନ ଥିଲେ। କିଛି ସମୟ ପରେ ସେ ନିଜ ପୋଷାକ ବଦଳାଇ ପୁଣି ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଡାକ୍ତର ତାଙ୍କର ଉପଯୁକ୍ତ ପରୀକ୍ଷା କରି ହାତର ଏକ୍ସରେ ଉଠାଇବା ପାଇଁ କହିବା ସହ ଠିକ ମେଡିସିନ ଲେଖିଥିଲେ। ତେଣୁ ପୂର୍ବ ଡାକ୍ତର ଦାୟିତ୍ୱହୀନତା ଭାବେ କାର୍ଯ୍ୟ କରିଥିବା ମାନସ ଅଭିଯୋଗ କରିଛନ୍ତି। ଏନେଇ ସେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଠାରେ ଏଭଳି ଅବହେଳା ବାରମ୍ବାର ଘଟୁଛି। କିଛିଦିନ ତଳେ ରୋଗୀଙ୍କୁ ଭୁଲ ଇଞ୍ଜେକ୍ସନ ଦିଆଯାଇଥିବା ଅଭିଯୋଗ ହୋଇଥିଲା।

# ଆଷାଢ଼ ସରିଲା, ବର୍ଷା ନାହିଁ: ଚିନ୍ତାରେ ଚାଷୀ



କଣାସ,୧୮।୭(ସ୍ୱ.ପ୍ର.): ଅକ୍ଷୟ ତୃତୀୟାଠାରୁ ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି। ଜମି ଚାଷ କରିବା ପରେ ବିହନ ବୁଣି ବର୍ଷାକୁ ଅପେକ୍ଷା କରିଥାଆନ୍ତି। ଆଷାଢ଼ ମାସରେ ବର୍ଷାଋତୁ ଆରମ୍ଭ ହେଉଥିବାରୁ ଚାଷୀମାନେ ବୁଣିଥିବା ଧାନ ଗଛହୋଇ ବଢ଼ିବାରେ ଲାଗେ। କିନ୍ତୁ ଚଳିତବର୍ଷ ପାଣିପାଗର ପରିବର୍ତ୍ତନ ଯୋଗୁ ଆଷାଢ ମାସରେ ବର୍ଷା ନ ହେବାରୁ ବୁଣାଯାଇଥିବା ଧାନଗଛଗୁଡିକ ରୌଦ୍ରତାପରେ ଜଳିବାକୁ ବସିଲାଣି ଏବଂ ବିଲଗୁଡିକ ଫାଟି ଆଁ କଲାଣି। ପୁରୀ ଜିଲା କଣାସ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଧାନଜମିଗୁଡିକ ଫାଟିଯିବାକୁ ବସିଥିବାରୁ ଚାଷୀମାନେ ଚିନ୍ତାରେ ବସିଛନ୍ତି। ଧାନଜମିରେ ବର୍ତ୍ତମାନ ମଧ୍ୟ ଗାଈ ଚରୁଥିବା ଦେଖାଯାଉଛି। କ୍ରମାଗତ ଭାବେ ଅତ୍ୟଧିକ ବର୍ଷା, ମରୁଡି, ବାତ୍ୟା ଯୋଗୁ କଣାସ ଅଞ୍ଚଳର ଚାଷୀମାନେ ଦୀର୍ଘ ବର୍ଷ ଧରି ଧାନ ଫସଲ ହରାଇ ଆସୁଥିବାରୁ ଚାଷୀମାନଙ୍କ ଅଣ୍ଟାଭାଙ୍ଗିପଡିଛି। ଚଳିତବର୍ଷ ପୁଣି ଏ ପର୍ଯ୍ୟନ୍ତ ଠିକ୍ ଭାବେ ବର୍ଷା ନ ଥିବାରୁ ଚାଷୀମାନେ ଚାଷ କରି ନ ପାରି ଭାଙ୍ଗି ପଡ଼ିଛନ୍ତି। ବିଭିନ୍ନ ବ୍ୟାଙ୍କରୁ ବାରମ୍ବାର ଋଣକରି ଚାଷୀମାନେ ପରିଶୋଧ କରିପାରୁ ନ ଥିବା ଜଣାପଡିଛି ।

## ଘରେ ପଶି ଚୋରି

ବ୍ରହ୍ମଗିରି,୧୮।୭(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅଧୀନ ଅଲାରପୁର ଗ୍ରାମର ବନମାଳି ଦଳାଇଙ୍କ ଘରେ ରବିବାର ଦୃର୍ତ୍ତମାନେ ପଶି ସୁନା ଅଳଙ୍କାର ଓ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ବନମାଳିଙ୍କ ଘରେ କେହି ନ ଥିବା ବେଳେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଘରେ ପଶି ସୁନା ଓ ରୁପା ଅଳଙ୍କାର ସହ ଟଙ୍କା ନେଇଯାଇଥିଲେ। ବନମାଳିଙ୍କ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଚଳାଇଛି।

# ମାଣିକ ଶ୍ରୀଜଗନ୍ନାଥ ବିଶେଷାଙ୍କ ଲୋକାର୍ପିତ

କୃଷ୍ଣପ୍ରସାଦ/ବ୍ରହ୍ମଗିରି,୧୮।୭(ଡି.ଏନ୍.ଏ.): କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆରା ସ୍ଥିତ ମାଣିକ ସାହିତ୍ୟ ସଂସଦ ପକ୍ଷରୁ ରବିବାର ‘ମାଣିକ ଶ୍ରୀଜଗନ୍ନାଥ’ ବିଶେଷାଙ୍କର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣସପଦା ହରିଶ୍ୱରଦେବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ହରିହର ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ପଲାଇ, ଅତିଥିଭାବେ ମନେଇ ସ୍ମୃତି ମହାବିଦ୍ୟାଳୟର ଅଧ୍ୟକ୍ଷ ବିକାଶ କୁମାର ପ୍ରଧାନ, ସାମାଜିକ କର୍ମୀ ଗଦାଧର ପ୍ରଧାନ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସୁବାସ ଚନ୍ଦ୍ର ସ୍ୱାଇଁ, ସାହିତ୍ୟ ପ୍ରେମୀ ଚନ୍ଦ୍ରମଣି ସାହୁ, କବି ରଞ୍ଜନ କୁମାର ପଣ୍ଡା, ପ୍ରତିଷ୍ଠାତା ସତ୍ୟ ରଞ୍ଜନ ମିଶ୍ର ଏହାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱର ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍କୃତି ଓ ନାରୀ ଭକ୍ତ ମାଣିକ ଗଉଡୁଣୀ ଏବଂ ଓଡ଼ିଆ ଭାଷାର ପ୍ରଚାର ପ୍ରସାର କରିବା ଏହାର ମୂଳ ଲକ୍ଷ୍ୟ ବୋଲି ମତପ୍ରକାଶ ପାଇଥିଲା। ଅନୁଷ୍ଠାନର ସମ୍ପାଦକ ସାହିତ୍ୟିକ ଆଶିଷ କୁମାର ସ୍ୱାଇଁ ତ୍ରୟମାସିକ ବିବରଣୀ ପାଠ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ।



ପତ୍ରିକା ଲୋକାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ ।

# ପୁରୀବାସୀଙ୍କୁ ସୁନାବେଶ ଦର୍ଶନ ଅନୁମତି ମିଳୁ

**ଯୁବ ଅଧିବକ୍ତା ସଂଘ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର**

ପୁରୀ ଅଫିସ, ୧୮।୭: ଚଳିତ ବର୍ଷ ଘୋଷଯାତ୍ରା କଟକଣା ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ନିଆଯାଉଥିବା ପଦକ୍ଷେପକୁ ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ସ୍ୱାଗତ କରିଛି। ଏଥିସହ ପୁରୀବାସୀଙ୍କୁ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ପାଇଁ ଅନୁମତି ଦେବାକୁ ଅନୁରୋଧ କରି ରବିବାର ସଂଘ ପକ୍ଷରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସଂଘର ଆବାହକ ଅନିଲ କୁମାର ସାହୁ କହିଛନ୍ତି, ଚଳିତବର୍ଷ ରଥଯାତ୍ରାରେ ଯେଉଁମାନେ ନିୟମ ଉଲ୍ଲଂଘନ କରିଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଂଘ ପକ୍ଷରୁ ପୁରୀ ଟାଉନ ଥାନାରେ ଅଭିଯୋଗ କରାଯାଇଥିଲା। ପରେ ପୁରୀ ପୋଲିସ ତଦନ୍ତ କରି କଟକଣା ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। କେତେଜଣ ଅସାଧୁ ବ୍ୟକ୍ତି ଛଦ୍ମବେଶରେ ଓ ନକଲି ପାସ୍ ଦେଖାଇ ପ୍ରଶାସନର ନିୟମକୁ ଉଲ୍ଲଂଘନ କରିଛନ୍ତି। ସେମାନଙ୍କ ବିରୋଧରେ ପ୍ରଶାସନ ଯଥାଶୀଘ୍ର ପଦକ୍ଷେପ ନେବାକୁ ଦାବି କରାଯାଇଛି। ପୁରୀବାସୀ ଯେଉଁଭଳି ଭାବେ ରଥଯାତ୍ରାରେ ପ୍ରଶାସନକୁ ସମର୍ଥନ କରିଥିଲେ ସେହିଭଳି ବାହୁଡ଼ା ଯାତ୍ରାରେ ମଧ୍ୟ ସମର୍ଥନ ଓ ସହଯୋଗ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ଅବସରରେ ସଂଘର ସଭାପତି ବିଶ୍ୱଜିତ ପ୍ରଧାନ, ପ୍ରତାପ ଚନ୍ଦ୍ର ମହାପାତ୍ର ଏବଂ ଦେବାଶିଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ଯୁବ ଅଧିବକ୍ତା ସଂଘ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।